୬ ଆଇସିସି ଟେଷ୍ଟ ର୍‍ୟାଙ୍କିଂ : ରୁଟ୍‌ଙ୍କୁ ହଟାଇ ବ୍ରୁକ୍ ହେଲେ ନମ୍ବର ୧ ବ୍ୟାଟର, ଶୀର୍ଷ ୧୦ରେ ଗିଲ୍-ସ୍ମିଥ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୬୨ ● ୧୦ ଜୁଲାଇ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-162 ●10th July 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଓଡିଶା ଖଣି ନିଗମ କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଚଳିତ ଆର୍ଥିକ ବର୍ଷରେ ୩୦ ହଜାର କୋଟି ବିକ୍ରୟ ରାଜସ୍ୱ ଲକ୍ଷ୍ୟ



**ଭୁବନେଶ୍ୱର ୯ /୦୭**
**ନ୍ୟୁଜ ବ୍ୟୁରୋ**

୨୦୨୫-୨୬ରେ ଓଡ଼ିଶା ଖଣି ନିଗମ ୫୦ ନିୟୁତ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ କରିବା ସହିତ ୩୦ ହଜାର କୋଟି ଟଙ୍କାର ବିକ୍ରୟ ରାଜସ୍ୱ ହାସଲ କରିବାର ଲକ୍ଷ୍ୟ ରଖିଛି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା ଖଣି ନିଗମ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକରୁ ଏହା ଜଣାଯାଇଛି।

ବୈଠକରେ ଖଣିଜ ପଦାର୍ଥ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଖଣି ଅଞ୍ଚଳର ଅବଧି ବୃଦ୍ଧି, ପରିବେଶ ଅନୁମୋଦନ, ନୂତନ ଖଣି କାର୍ଯ୍ୟକ୍ଷମ କରିବା ଆଦି ବିଭିନ୍ନ ବିଷୟ ଉପରେ ବୈଠକରେ ଆଲୋଚନା ହୋଇଥିଲା। ବିଶେଷ କରି ବକ୍ସାଇଟ୍ ଉତ୍ପାଦନ ବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତ ବର୍ଷ ବକ୍ସାଇଟ୍ ଉତ୍ପାଦନ ଲକ୍ଷ୍ୟ ୩.୬ ମିଲିଅନ ଟନ୍ ଥିବା ବେଳେ ଆଗାମୀ ବର୍ଷରେ ଏହାକୁ ୬ ମିଲିଅନ ଟନକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି। ଖଣି ଅଞ୍ଚଳର ଲୋକମାନଙ୍କ ଜୀବିକା ସୃଷ୍ଟି ଓ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ପାଇଁ ଓଏମସି ପକ୍ଷରୁ ଅଧିକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଖଣି ଅଞ୍ଚଳରେ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜରିଆରେ ସ୍ଥାନୀୟ ଲୋକଙ୍କ ଜୀବିକା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଖଣି ଅଞ୍ଚଳର ବିକାଶ ପାଇଁ ରହିଥିବା ବିଭିନ୍ନ ଯୋଜନାର କନ୍‌ଭରଜେନ୍ସ ମାଧ୍ୟମରେ ଏହା ହାସଲ କରାଯାଇପାରିବ ବୋଲି ସେ କହିଥିଲେ। ଏଥିପାଇଁ ଓଏମସି ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

ଓଏମସି ପକ୍ଷରୁ ଏକ ପେଲେଟ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଯେଉଁ ପ୍ରସ୍ତାବ ଦେଇଥିଲେ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିପାଇଁ ଭାରତ ସରକାରଙ୍କର ମେକନ୍ ନାମକ ଏକ ସଂସ୍ଥାକୁ ଟେକ୍ନୋ-ଇକ୍ନୋମିକ୍ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ପେଲେଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟ କମିଟି ମଧ୍ୟ ଗଠନ କରାଯାଇଛି। ସମସ୍ତ ପ୍ରକ୍ରିୟା ସରିବା ପରେ ୨୦୨୬ ମେ' ମାସ ସୁଦ୍ଧା ପେଲେଟ୍ ପ୍ରକଳ୍ପ ଆରମ୍ଭ ହେବ ବୋଲି ବୈଠକରୁ ଜଣାଯାଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ ଓଏମସିର ପରିଚାଳନା ଦକ୍ଷତାବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ପାଇଁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ବ୍ୟକ୍ତି ମାନଙ୍କୁ ନିଯୁକ୍ତି (ପୃଷ୍ଠା ୭ରେ)

## ରଥଯାତ୍ରାରେ ଦଳାଚକଟା ଘଟଣା

# ସାକ୍ଷ୍ୟ ଗ୍ରହଣ କଲେ ଉନ୍ନୟନ କମିଶନର



**ଭୁବନେଶ୍ୱର, ୯।୭**
**ନ୍ୟୁଜ୍ ବ୍ୟୁରୋ**

ରଥଯାତ୍ରା ବେଳେ ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଘଟଣା ନେଇ ବୁଧବାର ଠାରୁ ସାକ୍ଷ୍ୟ ଓ ତଥ୍ୟ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଘଟଣାର ପ୍ରଶାସନିକ ତଦନ୍ତ ପାଇଁ ରାଜ୍ୟସରକାରଙ୍କ ଦ୍ୱାରା ନିଯୁକ୍ତ ତଦନ୍ତ ମୁଖ୍ୟ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ବୁଧବାର ରାଜ୍ୟ ଅତିଥିଭବନ ଠାରେ ଘଟଣା ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ସାକ୍ଷ୍ୟ ଓ ତଥ୍ୟ ଗ୍ରହଣ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରଥଯାତ୍ରା ବେଳେ ଗତ ୨୯ ତାରିଖରେ ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟା ଘଟଣା ଘଟିବାରୁ ୩ଜଣ ଭକ୍ତଙ୍କର ମୃତ୍ୟୁ ଘଟିଥିଲା।

ଏହି ଘଟଣାରେ ବୁଧବାର ରାଜ୍ୟ ଅତିଥିଭବନ ଠାରେ ଅନୁଷ୍ଠିତ ଜନଶୁଣାଣୀରେ ୧୭ଜଣ ବ୍ୟକ୍ତି ବିଶେଷ / ଅନୁଷ୍ଠାନ ଯୋଗଦେଇଥିଲେ ଏବଂ ସେମାନଙ୍କ ବକ୍ତବ୍ୟ ରେକର୍ଡ କରାଯାଇଥିଲା। ଘଟଣା ସମ୍ପର୍କରେ ବୈକୁଣ୍ଠ ମିଶ୍ର ନାମକ ଜଣେ ବ୍ୟକ୍ତି ପ୍ରତ୍ୟକ୍ଷଦର୍ଶୀ ଭାବେ ବର୍ଣ୍ଣନା କରିବାକୁ ଯାଇ କହିଥିଲେ ଚାରମାଳ ଟ୍ରକ୍ ହଠାତ୍ ଆସିଯିବାରୁ ସେଠାରେ ଆଗରୁ ରୁଣ୍ଡହୋଇ ବସିଥିବା ବହୁ ସଂଖ୍ୟାରେ ଭକ୍ତମାନେ ଭୟଭୀତ ହୋଇପଡିଥିଲେ ଏବଂ ଦୌଡାଦୌଡି କରିଥିଲେ। ସେ ନିଜେ ମଧ୍ୟ ଜୀବନ ବଞ୍ଚାଇବା ପାଇଁ ଦୌଡି ପଛକୁ ପଳାଇଥିଲେ। ଦଳାଚକଟା ଭଳି ଅଘଟଣ ଘଟିଥିଲା। ସୁରକ୍ଷା ବ୍ୟବସ୍ଥା ଠିକ୍ ଭାବେ ତଦାରଖ ହୋଇନଥିବାରୁ ଏପରି ଘଟଣା ଘଟିଲା। ପ୍ରଣବ କିଶୋର ସାହୁ ନାମ ଆଉ ଜଣେ ବ୍ୟକ୍ତି ପ୍ରତ୍ୟେକ୍ଷଦର୍ଶୀଭାବେ ଘଟଣା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସେ ମଧ ଅନୁରୂପଭାବେ ଚାରମାଳା ଟ୍ରକ୍ ଆସିବାରୁ ଏପରି ଅଘଟଣ ଘଟିଥିବା ଏବଂ ପୋଲିସ ପକ୍ଷରୁ ପୂର୍ବରୁ ସେଭଳି ସୁରକ୍ଷା ବ୍ୟବସ୍ଥା କରାଯାଇନଥିବା କହିଥିଲେ।

ରଥଯାତ୍ରା ବେଳେ ଦଳାଚକଟା ଘଟଣା ନେଇ ଜନଶୁଣାଣୀ ଗୁରୁବାର (୧୦ ତାରିଖ) ଅପରାହ୍ନ ୩ଟାରୁ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ହେବ। ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ସେଠାରେ ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ସାକ୍ଷ୍ୟ ଓ ତଥ୍ୟ ଗ୍ରହଣ କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି।

## ରାଜ୍ୟବ୍ୟାପୀ ପରିବହନ ବ୍ୟବସ୍ଥା ଠପ୍

**ଭୁବନେଶ୍ୱର, ୯/୦୭**
**ନ୍ୟୁଜ ବ୍ୟୁରୋ**

ଗୋଟିଏ ପଟେ ଡ୍ରାଇଭର ସଂଘର ଆନ୍ଦୋଳନ ଅନ୍ୟପଟେ ଶ୍ରମିକ ସଂଗଠନର ଭାରତ ବନ୍ଦ ଡାକରା। ଏହାର ପ୍ରଭାବରେ ବୁଧବାର ରାଜ୍ୟବ୍ୟାପୀ ପରିବହନ ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇଯାଇଛି। ରାଜଧାନୀ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡରୁ ବସ୍ ଚଳାଚଳ କରିନଥିବା ବେଳେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ଦୀର୍ଘ ସମୟ ଅପେକ୍ଷା କରି ରହିବା ପରେ ଯାତ୍ରୀମାନେ ଫେରିଯାଇଛନ୍ତି। ମଙ୍ଗଳବାର ରାତିରେ କିଛି ଟିକେଟ କ୍ୟାନସଲ୍ କରାଯାଇଥିଲା, ବୁଧବାର ଟିକେଟ କରାଯାଉନଥିବା ବ୍ୟବସାୟୀ ମାନେ କହିଛନ୍ତି। ବରମୁଣ୍ଡା ବସଷ୍ଟାଣ୍ଡରେ ମଙ୍ଗଳବାର ସନ୍ଧ୍ୟାରୁ ଅନେକ ଦୂରଗାମୀ ଯାତ୍ରୀ ବସ ପାଇଁ ଅପେକ୍ଷା କରି ରହିଛନ୍ତି।

ଅନ୍ୟପକ୍ଷରେ ସାତ ଦଫା ଦାବିରେ ଆନ୍ଦୋଳନ କରୁଥିବା ଡ୍ରାଇଭର ସଂଘର ଧର୍ମଘଟ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଫଳରେ ପରିବହନ ସେବା ଏକ ପ୍ରକାର ପ୍ରଭାବିତ ହୋଇଛି। ମଙ୍ଗଳବାର ରାଜ୍ୟ ସରକାର ଓ ଡ୍ରାଇଭର ସଂଘ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିର୍ଯାସ ବାହାରି ପାରିନଥିଲା। ବୁଧବାର ଡ୍ରାଇଭର ଆନ୍ଦୋଳନ ପ୍ରସଙ୍ଗରେ ଡ୍ରାଇଭର ସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ସୂଚନା ଦେଇ କହିଛନ୍ତି ସରକାର ଲିଖିତ ପ୍ରତିଶ୍ରୁତି ଦେବା (ପୃଷ୍ଠା ୭ରେ)

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ନେଇ ମୁଖ୍ୟ ଶାସନ ସଚିବଙ୍କ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୯/୭**
**ନ୍ୟୁଜ ବ୍ୟୁରୋ**

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଆସନ୍ତା ୧୪ ଓ ୧୫ ତାରିଖ ଦୁଇ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବୁଧବାର ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ସୂଚନା ଅନୁସାରେ ଆସନ୍ତା ୧୪ ତାରିଖ ସଂଧ୍ୟାରେ ରାଷ୍ଟ୍ରପତି ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ (ଏମ୍ସ), ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ ଏବଂ ୧୫ ତାରିଖ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପରେ ପରେ ସେ କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଆସନ୍ତା ୧୫ ତାରିଖ ଅପରାହ୍ନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କଟକ ତୁଳସୀପୁର ବିଜୁ ପଟ୍ଟନାୟକ (ପୃଷ୍ଠା ୭ରେ)

# ଭଦୋଦରାରେ ଭୁଶୁଡିଲା ବ୍ରିଜ୍ : ୯ ମୃତ

## ପ୍ରଧାନମନ୍ତ୍ରୀଙ୍କ ଦୁଃଖ ପ୍ରକାଶ ଓ ସହାୟତା ଘୋଷଣା

**ଭଦୋଦରା, ୯/୭**

ଗୁଜୁରାଟ୍ ରାଜ୍ୟର ମଧ୍ୟ ସୌରାଷ୍ଟ୍ର ସହ ସଂଯୋଗ କରୁଥିବା ମହିସାଗର ନଦୀ ଉପରେ ନିର୍ମିତ ଏକ ସେତୁ ହଠାତ୍ ଭୁଶୁଡିବା କାରଣରୁ ଅନେକ ଯାନବାହନ ନଦୀରେ ଖସିଯାଇଛି ଓ ୯ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୮ ଜଣକୁ ଉଦ୍ଧାର କରାଯାଇଛି। ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି ଓ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଁଏ କ୍ଷତିପୂରଣ ସହାୟତା (ପୃଷ୍ଠା ୭ରେ)




## ଆଇପିଏସ୍ ସ୍ତରରେ ଅଦଳ ବଦଳ

# ସଞ୍ଜୀବ ପଣ୍ଡା ହେଲେ ଏଡିଜି ନକ୍ସଲ ବିରୋଧୀ ଅପରେସନ୍

**ଭୁବନେଶ୍ୱର, ୦୯/୦୭**
**ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ବୁଧବାର ଆଇପିଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏନେଇ ବିଧିବଦ୍ଧ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୯୪ ବ୍ୟାଚର ବରିଷ୍ଠ ଆଇପିଏସ୍ ଅଧିକାରୀ ସଞ୍ଜୀବ ପଣ୍ଡାଙ୍କୁ ନକ୍ସଲ ବିରୋଧୀ ଅଭିଯାନର ଏଡିଜି ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅଖିଳେଶ ସିଂହଙ୍କୁ ସ୍ୱତନ୍ତ୍ର ଗୁଇନ୍ଦା ଶାଖାକୁ ବଦଳି କରାଯାଇଥିବା ବେଳେ କନୱର ବିଶାଲ ସିଂଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଭାବେ ନିଯୁକ୍ତ କରାଯାଇଛି।





ଶ୍ରୀ ପଣ୍ଡା ସ୍ୱତନ୍ତ୍ର ଗୁଇନ୍ଦା ୱିଙ୍ଗ୍ ଓ ନକ୍ସଲ ବିରୋଧୀ ଅପରେସନର କାର୍ଯ୍ୟ ତଦାରଖ କରିବେ ଏବଂ ସିଧାସଳଖ ଓଡ଼ିଶାର ପୋଲିସ ଡିଜି ଏବଂ ଆଇଜିଙ୍କୁ ରିପୋର୍ଟ କରିବେ। ୨୦୦୬ ବ୍ୟାଚର ଆଇପିଏସ୍ ଅଧିକାରୀ ଅନୁପ କୁମାର ସାହୁଙ୍କୁ ବିପିଏସ୍‌ପିଏ ଆଇଜିପି ତାଲିମ ଭାବେ ଅବସ୍ଥାପିତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ନୂଆପଡା, ବୌଦ୍ଧ, ନବରଙ୍ଗପୁର, ମାଲକାନଗିରି ଅଞ୍ଚଳରେ ନକ୍ସଲ ଗତିବିଧି ଏକ ପ୍ରମୁଖ ସମସ୍ୟା ରହିଛି। ତେଣୁ ପ୍ରଥମ ଥର ପାଇଁ ରାଜ୍ୟରେ ଆଣ୍ଟି ନକ୍ସଲ ଅପରେସନ ଏଡିଜି ଭାବେ ଆଇପିଏସ୍ ସଞ୍ଜୀବ ପଣ୍ଡାଙ୍କୁ (ପୃଷ୍ଠା ୭ରେ)

## ପଞ୍ଚମ, ଅଷ୍ଟମ ଶ୍ରେଣୀରେ ଫେଲ୍ ହେଲେ ପୁନଃ ପରୀକ୍ଷା ଦେଇପାରିବେ

**ଭୁବନେଶ୍ୱର,୯।୭ ନ୍ୟୁଜ ବ୍ୟୁରୋ**

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ସହ ନୂତନ ନିୟମ ଜାରି କରାଯାଇଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ଏହି ବିଜ୍ଞପ୍ତି ଅନୁସାରେ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ପୁନଃ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରାଯିବ। ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏହି ପୁନଃ ପରୀକ୍ଷା ୨ ମାସ ମଧ୍ୟରେ ଆୟୋଜନ କରିବାକୁ ନୂଆ ନିୟମରେ ନିର୍ଦ୍ଦେଶ ଦିଆଯାଇଛି।

ନୂତନ ନିୟମ ଅନୁଯାୟୀ, ଯଦି ଛାତ୍ରଛାତ୍ରୀ ପୁନଃ ପରୀକ୍ଷାରେ ପାସ କରନ୍ତି, ତେବେ ସେମାନେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବେ। କିନ୍ତୁ ଯଦି ପୁନଃ ପରୀକ୍ଷାରେ ମଧ୍ୟ ଫେଲ ହୁଅନ୍ତି, ତେବେ ସେମାନେ ସେହି ଶ୍ରେଣୀରେ ହିଁ ପଢ଼ିବେ। ଏହା ସହିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି ଯେ ପ୍ରାଥମିକ ଶିକ୍ଷା ଶେଷ ହେବା ପର୍ଯ୍ୟନ୍ତ କୌଣସି ଛାତ୍ରଛାତ୍ରୀଙ୍କୁ ସ୍କୁଲରୁ ବହିଷ୍କାର କରାଯାଇ ପାରିବ ନାହିଁ।

ଏହି ନିଷ୍ପତ୍ତି ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ଏକ ନୂଆ ଦିଗ ଆଣିବ ବୋଲି ଆଶା କରାଯାଉଛି। ସୂଚନା ଅନୁସାରେ, ଏହି ନୀତି ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ର ଅଂଶ ଭାବେ ଗ୍ରହଣ କରାଯାଇଛି, ଯାହା ଛାତ୍ରଛାତ୍ରୀଙ୍କୁ ଶିକ୍ଷାରେ ଅଧିକ ସୁଯୋଗ ଓ ସମର୍ଥନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହା ଛାତ୍ରଛାତ୍ରୀଙ୍କୁ ମାନସିକ ଚାପ କମାଇବା ସହିତ ସେମାନଙ୍କୁ ଶିକ୍ଷା ଜାରି ରଖିବା ପାଇଁ ପ୍ରୋତ୍ସାହନ ଯୋଗାଇବ ବୋଲି (ପୃଷ୍ଠା ୭ରେ)

## ମେଘନାଦ ପାଚେରୀ ଡେଇଁ ପଶିଲେ ୪ ଯୁବକ

**ପୁରୀ, ୦୯/୦୭ ନ୍ୟୁଜ ବ୍ୟୁରୋ**


କଡ଼ା ସୁରକ୍ଷା ବଳୟ ଭେଦି ଶ୍ରୀମନ୍ଦିର ମେଘନାଦ ପାଚେରୀ ଡେଇଁ ୪ ଜଣ ଯୁବକ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାର ଭିଡିଓ ଚିତ୍ର ଭାଇରାଲ ହେବାରେ ଲାଗିଛି। ଏହି ଯୁବକମାନଙ୍କର ପରିଚୟ ମିଳିପାରିନାହିଁ। ତେବେ ସେମାନେ ଶ୍ରୀମନ୍ଦିର ଭିତରକୁ କୌଣସି ଦ୍ୱାର ପଟେ ନ ଯାଇ ଏଭଳି ମେଘନାଦ ପାଚେରୀ କାହିଁକି ଡେଇଁ ଗଲେ ତାହା ସନ୍ଦେହ ସୃଷ୍ଟି କରିଛି। ଏହା କେବଳ ଦୁର୍ବଳ ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇନି ବରଂ ପ୍ରଶାସନିକ ବ୍ୟବସ୍ଥା ଉପରେ ଅଙ୍ଗୁଳି ଉଠାଇଛି। ଏହି ଯୁବକମାନେ (ପୃଷ୍ଠା ୭ରେ)

## ଏକାଳ ପଖାଳ



କହୁଛୁ ବୋଲି ଖରାପ ଭାବନି
ଦେହକୁବି ନେବନାହିଁ
ମେଘନାଦ ପାଚେରୀ ଡେଇଁକି
ଦୁର୍ବୃତ୍ତ ପଶିଲେ ଯାଇ
ଦୟାକର ତୁମେ ସାଇଁ
ସୁରକ୍ଷା ତୁମର ତୁମେ କର ପ୍ରଭୁ
ସମସ୍ତେ ଅଛନ୍ତି ଶୋଇ

# ଗୁରୁପୂର୍ଣ୍ଣିମା ଆକାଶରେ ସ୍ୱାଭାବିକ ଠାରୁ ବଡ଼ ଦେଖାଯିବ ଚନ୍ଦ୍ର



**ନୂଆଦିଲ୍ଲୀ, ୯/୭**

ଗୁରୁବାର ଚଳିତ ମାସର ପୂର୍ଣ୍ଣଚନ୍ଦ୍ର ଦୃଶ୍ୟମାନ ହେବ। ଏହି ପୂର୍ଣ୍ଣିମା ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଏହି ଦିନ ଚନ୍ଦ୍ରର ଭ୍ରମ ଭାବରେ ପରିଚିତ ଏକ ଅପ୍ଟିକାଲର ପ୍ରଭାବ ଦେଖିବାର ସୁଯୋଗ ମିଳିବ। ଏହି ଭ୍ରମ ଯୋଗୁଁ ଚନ୍ଦ୍ର ଦିଗନ୍ତ ନିକଟତର ହେଲେ ଅତ୍ୟନ୍ତ ବିଶାଳ ଦେଖାଯିବ। ଜୁଲାଇ ମାସର ପୂର୍ଣ୍ଣଚନ୍ଦ୍ରକୁ ବକ୍ ମୁନ୍ (ବୁକ୍ ମୁନ୍) ମଧ୍ୟ କୁହାଯାଏ, ଯାହା ସୂର୍ଯ୍ୟାସ୍ତ ପରେ ଆକାଶର ଅତି ତଳେ ଦେଖାଯିବ। ଚନ୍ଦ୍ର ଆକାଶରେ ଧୀରେ ଧୀରେ ଗତି କରିବ। ଗ୍ରୀଷ୍ମ ପ୍ରବାହର ନିକଟତର ହେଉଥିବାରୁ ଏପରି ହୋଇଥାଏ। ଏହି ସମୟରେ, ଦିନ ଥିବା ସ୍ଥାନରେ ସୂର୍ଯ୍ୟ ଆକାଶର ସବୁଠୁ ଦୂରରେ ଅବସ୍ଥାନ କରିଥାନ୍ତି। ଯାହା ଫଳରେ ଚନ୍ଦ୍ର ରାତିରେ ଏକ ନିମ୍ନ ପଥ ଅନୁସରଣ କରିଥାଏ। ଚଳିତ ବର୍ଷ, 'ପ୍ରମୁଖ ଚନ୍ଦ୍ରା ସ୍ଥିରତା' ନାମକ ଏକ ଘଟଣା ଯୋଗୁଁ ଏହି ଦୃଶ୍ୟ ଆହୁରି ସ୍ପଷ୍ଟ ଦେଖାଯିବ। ପ୍ରତି ୧୮.୬ ବର୍ଷରେ ଏଭଳି ଘଟଣା ଘଟିଥାଏ।

ଆକାଶରେ ଚନ୍ଦ୍ର, ସୂର୍ଯ୍ୟର ବିପରୀତରେ ରହିଥିଲେ ପୂର୍ଣ୍ଣଚନ୍ଦ୍ର ହୁଏ। ଏହି ସମୟରେ ଚନ୍ଦ୍ର ସମ୍ପୂର୍ଣ୍ଣ ଆଲୋକିତ ଦେଖାଯାଏ। ଏହା ଗ୍ରହଣ ଦ୍ରାଘିମା ସୂର୍ଯ୍ୟଠାରୁ ୧୮୦ ଡିଗ୍ରୀ ଦୂରରେ ରହିଥାଏ। ଗ୍ରହଣ ହେଉଛି ଏକ କାଳ୍ପନିକ ସମତଳ (ପୃଷ୍ଠା ୭ରେ)

## ଜଗନ୍ନାଥ ପ୍ରଧାନଙ୍କୁ ମିଳିଲା ଜାମିନ



**ଭୁବନେଶ୍ୱର, ୯।୭**
**ନ୍ୟୁଜ ବ୍ୟୁରୋ**

ବିଏମସି ଅତିରିକ୍ତ କମିଶନ ରତ୍ନାକର ସାହୁଙ୍କୁ ମାଡ଼ ମାରିବା ଘଟଣାରେ ଗିରଫ ହୋଇ ଝାରପଡା ଜେଲ୍‌ରେ ଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନ ବୁଧବାର ଜେଲ୍‌ରୁ ମୁକୁଳିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟ ବୁଧବାର ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଜଣେ ଜାମିନଦାର ଓ ୩୦ ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ତାଙ୍କୁ ଜାମିନ୍ ମିଳିଛି।

ଝାରପଡ଼ା ଜେଲ୍‌ରୁ ମୁକୁଳିବା ପରେ ଶ୍ରୀ ପ୍ରଧାନଙ୍କୁ ବାହାରେ ବହୁ ସଂଖ୍ୟକ ସମର୍ଥକ, ଦଳୀୟ ନେତା ଓ କର୍ମୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏପରିକି ବିଧାୟକ ବାବୁ ସିଂଙ୍କ ସମେତ ଦଳର ବହୁ ନେତା ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ସେଠାରେ ପହଞ୍ଚିଥିଲେ। ବିଜେପିର ମହିଳା ନେତ୍ରୀ ଶ୍ରୀ ପ୍ରଧାନଙ୍କୁ ଫୁଲମାଳ ଦେଇ ବନ୍ଦାପନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ଜଗନ୍ନାଥ ପ୍ରଧାନ ଡିସିପି କାର୍ଯ୍ୟାଳୟ ପହଞ୍ଚି ଆତ୍ମସମର୍ପଣ କରିଥିଲେ। ଏହା ପରେ ତାଙ୍କୁ ପୋଲିସ ଗିରଫ (ପୃଷ୍ଠା ୭ରେ)

ସମ୍ପାଦକୀୟ

31 YEARS
ସମ୍ବାଦ କଳିକା

# ଭାରତ ପାଇଁ ବିପଦ

ଭାରତର ସୁରକ୍ଷା ଉପରେ ବିପଦ ତିନି ଦେଶର ଏକାଠୀ ହେବା। ଚୀନ-ପାକିସ୍ତାନ ଓ ବାଂଲାଦେଶ ସେମାନଙ୍କ ହିତ ପାଇଁ ପରସ୍ପରକୁ ସହଯୋଗ କରୁଛନ୍ତି । ଏହା ଭାରତର ସ୍ଥିରତା ଏବଂ ସୁରକ୍ଷା ଉପରେ ପ୍ରଭାବ ପରାଇବ । ଏହି ତିନି ଦେଶ ମଧ୍ୟରେ ମେଣ୍ଟ ଦେଶର ସୁରକ୍ଷା ପାଇଁ ବିପଦ । ଦେଶର ଚିଫ୍ ଜଷ୍ଟିସ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ଏକ କାର୍ଯ୍ୟକ୍ରମରେ ଭାରାତର ରାଷ୍ଟ୍ରୀୟ ସୁରକ୍ଷାକୁ ନେଇ ଏହା କହିଛନ୍ତି । ସିଡିଏସ୍ କହିଛନ୍ତି, ଆଜି ବୈଶ୍ୱିକ ସ୍ଥିତି ବହୁତ ଅସ୍ଥିର, ଦୁନିଆ ପୁରୁଣା ବ୍ୟବସ୍ଥାରୁ ନୂଆ ବୈଶ୍ୱିକ ସନ୍ତୁଳନ ଦିଗରେ ବଢୁଛି। ଏହି ପରିବର୍ତ୍ତନ ମଧ୍ୟରେ ଆମେ ଆମେରିକାର ଭୂମିକା ମଧ୍ୟ ଜଟିଳତା ସୃଷ୍ଟି କରିଛି । ମଜବୁତ ଅର୍ଥବ୍ୟବସ୍ଥା ଦେଶର ଶକ୍ତି । ଆର୍ଥିକ ଓ ବ୍ୟବସାୟିକ ସୁରକ୍ଷା ବି ରାଷ୍ଟ୍ରୀୟ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ । ସ୍ଥିର ବିକାଶ ଏବଂ ପ୍ରଗତି ପାଇଁ ମଜବୁତ ଅର୍ଥବ୍ୟବସ୍ଥା ଜରୁରୀ । ସୁରକ୍ଷା ସେବେ ସମ୍ଭବ ହେବ ଯେବେ ଅନ୍ତରୀକ ସୁରକ୍ଷା ସ୍ଥିତି ମଜବୁତ ଏବଂ ଆର୍ଥିକ ଆଧାର ସ୍ଥିର ହେବ ।'' ସେ ଆହୁରି କହିଛନ୍ତି, ଭାରତ ପରି ବିବିଧତା ଭରା ଦେଶରେ ସାମାଜିକ ଏବଂ ଅନ୍ତରୀକ ସୁରକ୍ଷାକୁ ହାଲୁକାରେ ନିଆ ଯାଇପାରିବ ନାହିଁ । ଆମ ଦେଶ ବହୁଭାଷୀ, ବହୁଧର୍ମୀ ଏବଂ ବହୁଜାତୀୟ, ସାମାଜିକ ଏକତା ରଖିବାକୁ ବହୁତ ଜରୁରୀ । ଚୀନ, ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଯଦି ରଣନୀତିକ ସହଯୋଗ ହୁଏ । ତେବେ ଏହାର ପ୍ରଭାବ ଭାରତର ସୁରକ୍ଷା ଉପରେ ପଡିବ । ଏହି ୩ ଦେଶ ଭାରତ ବିରୋଧରେ ରଣନୀତିକ ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି ।'' ଏବେ ଯୁଦ୍ଧର ତରିକା ବଦଳିଛି। ଯୁଦ୍ଧ ଏବେ କେବଳ ସୀମା ନୁହେଁ ସାଇବର, ଇଲେକ୍ଟ୍ରୋନିକ ଅସ୍ତ୍ର, ମିସାଇଲ ହାଇପରସୋନିକ ଜରିଆରେ ହେଉଛି । ଏ ସବୁ ଏବେ ଅନେକ ଦେଶର ପୂର୍ଣ୍ଣ ରକ୍ଷା ପ୍ରଣାଳୀରେ ନାହିଁ । ଭାରତକୁ ତାର ପ୍ରସ୍ତୁତିକୁ ସବୁ ସ୍ତରରେ ବଢାଇବାକୁ ହେବ । ସିଡିଏସ୍ କହିଛନ୍ତି ଯେ ଯଦି ଚୀନ୍, ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ କୌଣସି ପ୍ରକାରର ରଣନୈତିକ ସହଯୋଗ ହୁଏ, ତେବେ ଏହାର ସିଧାସଳଖ ପ୍ରଭାବ ଭାରତର ସୁରକ୍ଷା ଉପରେ ପଡ଼ିବ। ଏହି ତିନି ଦେଶର ସାଧାରଣ ସ୍ୱାର୍ଥ ଭାରତ ବିରୁଦ୍ଧରେ ଏକ ରଣନୈତିକ ଚ୍ୟାଲେଞ୍ଜ ହୋଇପାରେ, ବିଶେଷକରି ଯେତେବେଳେ ବାଂଲାଦେଶର ରାଜନୈତିକ ପରିସ୍ଥିତି ଅସ୍ଥିର ଥାଏ ଏବଂ ଏହାର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଭାରତରେ ଆଶ୍ରୟ ନେଇଛନ୍ତି । ପହଲଗାମ ପ୍ରତିଶୋଧ ନେଇ ମେରେ ହୋଇଥିବା 'ଅପରେସନ୍ ସିନ୍ଦୂର'କୁ ନେଇ ସିଡିଏସ୍ କହିଛନ୍ତି, ଏହି ସଂଘର୍ଷ ଭାରତ-ପାକିସ୍ତାନର ପରମାଣୁ ଧମକକୁ ଭୁଲ ପ୍ରମାଣିତ କରିଛି । ଏହା ଦୁନିଆ ପାଇଁ ଏକ ଶିକ୍ଷା ଯାହା ପରମାଣୁ ଡର ଦେଖାଇ କୌଣସି ଦେଶ ତାର ବଦଭ୍ୟାସ ବଦଳାଇପାରିବ ନାହିଁ ।

# ଆଶ୍ରୟ ତତ୍ତ୍ୱରେ ଗୁରୁ



ଗୀତାଞ୍ଜଳି କର
ଝାଞ୍ଜିରୀ ମଙ୍ଗଳା,
ମିଶ୍ର ବିଲ୍ଡ୍, କଟକ
ମୋ. ୭୦୦୮୯୪୭୫୨୬

ଭାରତୀୟ ସଂସ୍କୃତିରେ ଗୁରୁ, ଶାସ୍ତ୍ର ଓ ଈଶ୍ୱର ହେଉଛନ୍ତି ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏହି ତିନୋଟି ଆଶ୍ରୟ ତତ୍ତ୍ୱ ପରସ୍ପର ସହିତ ପରିପୂରକ ରହି ଆତ୍ମ କଲ୍ୟାଣକାରୀ ହୋଇଥାନ୍ତି । ଗୁରୁ ଆଧ୍ୟାତ୍ମିକତାର ଜ୍ୱଳନ୍ତ ନିଦର୍ଶନ ତଥା ଉଚିତ ମାର୍ଗର ପ୍ରତୀକ। ଶାସ୍ତ୍ର ହେଉଛି ଜ୍ଞାନ ଗଙ୍ଗାର ସ୍ରୋତ । ଯାହା ଈଶ୍ୱରଙ୍କ ସାନିଧ ଲାଭ କରିବାରେ ସହାୟକ । ଈଶ୍ୱରଙ୍କ ସର୍ବୋଚ୍ଚ ଶକ୍ତି କେବଳ ଗୁରୁ ଓ ଶାସ୍ତ୍ର ମାଧ୍ୟମରେ ପ୍ରକଟିତ ହୋଇଥାଏ । ଗୁରୁ କହିଲେ କେବଳ ବ୍ୟକ୍ତି ବିଶେଷକୁ ବୁଝାଏନି। ବରଂ ଆଧ୍ୟାତ୍ମିକ ପରମ୍ପରାର ଏକ ଉଜ୍ଜ୍ୱଳ ଭବିଷ୍ୟତର ଆଧାର ଆତ୍ମ ସାକ୍ଷାତ୍କାରରେ ଗୁରୁଙ୍କର ଭୂମିକା ଅନନ୍ୟ । ଅନ୍ୟ କ୍ଷେତ୍ରରେ ଶାସ୍ତ୍ର ପବିତ୍ର ଜ୍ଞାନର ସ୍ରୋତ ହୋଇ ଈଶ୍ୱରଙ୍କ ନିକଟତର ହେବାପାଇଁ ଅନୁକୂଳ ପରିବେଶ ପ୍ରସ୍ତୁତ କରିଥାଏ । ତେଣୁ ଗୁରୁ, ଶାସ୍ତ୍ର ତଥା ଈଶ୍ୱରଙ୍କ ମଧ୍ୟରେ ଏକ ଗଭୀର ଆବେଗ ରହିଛି ।

ଆଧ୍ୟାତ୍ମିକ ସାଧନାରେ ଗୁରୁଙ୍କ ଭୂମିକା ସ୍ୱତନ୍ତ୍ର ପର୍ଯ୍ୟାୟଭୁକ୍ତ । ଗୁରୁ ହେଉଛନ୍ତି ଆମର ଜୀବନ ଶୈଳୀରେ ଅନ୍ଧକାରକୁ ଦୂରୀକରଣର ମାର୍ଗ ଦର୍ଶକ । କାରଣ ଗୁରୁଙ୍କ ମାଧ୍ୟମରେ ସାଧକ ପୂର୍ଣ୍ଣତା ଲାଭ କରିବାକୁ ସମର୍ଥ ହୋଇଥାଏ । ଗୋଟିଏ ଅନ୍ଧକୁ ଆଉ ଜଣେ ଅନ୍ଧ କେବେ ବାସ୍ତବ ରାସ୍ତା ଦେଖାଇ ପାରେନି । ପରମହଂସଙ୍କ ମତରେ ଗୁରୁ ହିଁ ଈଶ୍ୱରଙ୍କୁ ଜାଣିଥାନ୍ତି ତେଣୁ ଅନ୍ୟକୁ ଉଚିତ ମାର୍ଗରେ ଈଶ୍ୱରଙ୍କ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରିପାରନ୍ତି । ଯିଏ ନିଷ୍ଠାପୂର୍ବକ ସଦଗୁରୁଙ୍କୁ ଅନୁସରଣ କରିଥାଏ ସେ ହିଁ ସିଦ୍ଧି ପ୍ରାପ୍ତି କରି ମୋକ୍ଷର ମାର୍ଗକୁ ଗତି କରିଥାଏ ।

ଜାଗ୍ରତ ଈଶ୍ୱରସ୍ୱରୂପରେ ଗୁରୁ ଶିଷ୍ୟ ପାଇଁ ସର୍ବତ୍ର ମଙ୍ଗଳକାମନା କରିଥାଏ । କାରଣ ଗୁରୁ ଶିଷ୍ୟର ଅନ୍ତରର ସୁପ୍ତ ଈଶ୍ୱରଙ୍କୁ ଜାଗ୍ରତ ଅବସ୍ଥାକୁ ଆଣିଥାନ୍ତି । ଈଶ୍ୱରଙ୍କ ପ୍ରତିନିଧିତ୍ୱ କରିଥାନ୍ତି ଗୁରୁ । ତେଣୁ କୁହାଯାଏ...

' ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ
ଗୁରୁସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ'

ଅର୍ଥାତ ଗୁରୁ ହିଁ ବ୍ରହ୍ମା କାରଣ ଯେପରି ସୃଷ୍ଟିକର୍ତ୍ତା ବ୍ରହ୍ମା ସକଳ ଚରାଚର ଜଗତର ସଂରଚନା କରିଥାନ୍ତି ସେପରି ଗୁରୁ ଶିଷ୍ୟକୁ ଗ୍ରହଣ କରି ସମ୍ପୂର୍ଣ୍ଣ ସଂସ୍କାରବିଧି ପ୍ରଦାନ କରି ଏକ ନୂଆ ଜନ୍ମ ଦେଇଥାନ୍ତି । ପୁଣି ଯେପରି ବିଷ୍ଣୁ ସୃଷ୍ଟିର ପାଳନ କର୍ତ୍ତା ଭାବରେ ଜଗତକୁ ପରିପୁଷ୍ଟ କରାଇଥାନ୍ତି ସେପରି ଶିଷ୍ୟର ଆତ୍ମୋନ୍ନତି ପାଇଁ ଗୁରୁ ନିଜ ଉପରକୁ ସମସ୍ତ ବୋଝ ଉଠାଇ ନେଇଥାନ୍ତି । ସଂହାର କର୍ତ୍ତା ଶଙ୍କରଙ୍କ ପରି ଗୁରୁ ଶିଷ୍ୟର ସମସ୍ତ ବିକାର ମାନଙ୍କୁ ବିନାଶ କରିଥାନ୍ତି । ଏହାଦ୍ୱାରା ଶିଷ୍ୟର ବର୍ତ୍ତମାନର ସ୍ୱରୂପ ନଷ୍ଟ ହୋଇ ଭବିଷ୍ୟତ ଏକ ଉଜ୍ଜ୍ୱଳତମ ନକ୍ଷତ୍ର ସଦୃଶ ଦୀପ୍ତିମାନ ହୋଇଉଠେ । ତେଣୁ କୁହାଯାଏ...

' ଅଜ୍ଞାନ ତିମିରାନ୍ଧାସ୍ୟ ଜ୍ଞାନାଞ୍ଜନ ଶଳାକୟା
ଚକ୍ଷୁର୍ମିଳିତଂ ଯେନ ତସ୍ମୈଶ୍ରୀ ଗୁରବେ ନମଃ '

ଗୁରୁ ଶିଷ୍ୟର ସମସ୍ତ ଅଜ୍ଞାନତାର ଅନ୍ଧକାରକୁ ହଟାଇ ଜ୍ଞାନାଶ୍ରୟୀର ଆଲୋକ ଦେଖାଇ ଦିଅନ୍ତି । ଗୁରୁଙ୍କ ବାକ୍ୟ ହିଁ ବ୍ରହ୍ମାଙ୍କ ବାକ୍ୟ । ଶିଷ୍ୟର ଆତ୍ମୋନ୍ନତି ଗୁରୁଙ୍କ ଉପରେ ନିହିତ । ଗୁରୁ ଓ ଶିଷ୍ୟ ମଧ୍ୟରେ ସମ୍ପୂର୍ଣ୍ଣ ସମର୍ପିତ ଭାବ ଥିବା ଆବଶ୍ୟକ। ଯଦି ଗୁରୁଙ୍କ ପ୍ରତି ଶିଷ୍ୟର ପୂର୍ଣ୍ଣ ବିଶ୍ୱାସ ଓ ଭକ୍ତି ରହେ ତେବେ ଶିଷ୍ୟ ପ୍ରତି ଗୁରୁଙ୍କର ଏକାତ୍ମବୋଧ ଭାବ ବଢ଼ିଯିବ । ଏହା ଗୁରୁଙ୍କର ବଡ଼ପଣ । ସଦଗୁରୁଙ୍କ ନିକଟରେ ଶିଷ୍ୟର ସମର୍ପିତ ଭାବ ହିଁ ଈଶ୍ୱର ଦର୍ଶନରେ ବିଳମ୍ବ କରେ ନାହିଁ । ତେଣୁ ଭଗବତ ବାଣୀରେ ସ୍ୱୟଂ ଭଗବାନ କହିଛନ୍ତି...

' ଗୁରୁଙ୍କୁ ନ ମଣିବ ନର ଗୁରୁଟି ସାକ୍ଷାତ ଈଶ୍ୱର
ଗୁରୁ ସର୍ବ ଧର୍ମ ମୟେ ମୁହିଁ ବସଇ ଗୁରୁ ଦେହେ ,

ଗୁରୁ ହେଉଛନ୍ତି ଦୁଇ ପ୍ରକାର । ପ୍ରଥମେ ଜାଗତିକ ଗୁରୁ ଓ ଅନ୍ୟଟି ପାରମାର୍ଥିକ ଗୁରୁ । ପକ୍ଷରମାର୍ଥିକ ଗୁରୁ ହେଉଛନ୍ତି ସଦଗୁରୁ ଯିଏ ଧର୍ମ ସମ୍ବନ୍ଧରେ ଜ୍ଞାନ ଦିଅନ୍ତି । ତେଣୁ ଅଧମ ଶିଷ୍ୟଟିଏ କହେ...

' ଅସତୋ ମାଂ ସତ ଗମୟ
ତମସୋ ମାଂ ଜ୍ୟୋତିର ଗମୟ
ମୃତ୍ୟୁ ମାଂ ଅମୃତଂ ଗମୟ,

ଅର୍ଥାତ ହେ ଗୁରୁଦେବ ମୋତେ ଅସତରୁ ସତ ଆଡକୁ ନିଅନ୍ତୁ, ଅନ୍ଧକାରରୁ ଆଲୋକ ଆଡକୁ ନିଅନ୍ତୁ, ମୃତ୍ୟୁର ଜଗତରୁ ଅମୃତତ୍ତ୍ୱ ଆଡକୁ ନିଅନ୍ତୁ । ଏହି କ୍ଷେତ୍ରରେ ଯିଏ ଶିଷ୍ୟକୁ ପ୍ରତିଷ୍ଠିତ କରାଇ ଦିଅନ୍ତି ସେ ହିଁ ବାସ୍ତବ ସଦଗୁରୁ। ଯେଉଁ ଗୁରୁ ଶ୍ରୋତୀୟ ତଥା ବ୍ରହ୍ମନିଷ୍ଠ ଲକ୍ଷଣଯୁକ୍ତ ହୋଇଥିବେ ସେ ହେଉଛନ୍ତି ସଦଗୁରୁ । ଶ୍ରୋତୀୟ ଅର୍ଥାତ ଶୃତି ଶାସ୍ତ୍ରରେ ନିପୁଣ ଥିବ । ବ୍ରହ୍ମନିଷ୍ଠ ଅର୍ଥାତ ଯିଏ ସବୁ ସମୟରେ ଈଶ୍ୱରଙ୍କ ଲୀଳା ନାମ ଗୁଣ ସହିତ ସର୍ବଦା ତଲ୍ଲୀନ ରହିଥିବ । ଭଗବତ ତତ୍ତ୍ୱ ସହିତ ସାଂସାରିକ କର୍ମରେ,କ୍ରୋଧ,ମୋହ, ମାୟା ପ୍ରତି ବୈରାଗ୍ୟ ଚିତ୍ତ ଥିବା ଗୁରୁ ହିଁ ସଦଗୁରୁ ଅଟନ୍ତି ।

ଆଶ୍ରୟ ତତ୍ତ୍ୱରେ ଈଶ୍ୱର ସାକ୍ଷାତକାର କରାଇଥାନ୍ତି ସଦଗୁରୁ । 'ଆଶ୍ରୟ'ର ଅର୍ଥ କାହା ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା । ଯେପରି 'ବିନା ଆଶ୍ରେ ନ ବର୍ତ୍ତନ୍ତି କବିତା, ବନିତା, ଲତା ' ସେପରି ଗୁରୁ ଆଶ୍ରା ବିନା ଶିଷ୍ୟର ଆତ୍ମାନୁଭବ ସମ୍ଭବ ନୁହେଁ। ଗୁରୁଙ୍କ ମହତ୍ତ୍ୱ ପ୍ରକାଶ କରିବାକୁ ଯାଇ ସନ୍ଥ କବୀର କହିଛନ୍ତି ଯଦି ଈଶ୍ୱର ଆଉ ଗୁରୁ ଏକା ସମୟରେ ଦର୍ଶନ ଦିଅନ୍ତି ତ ପ୍ରଥମେ ଗୁରୁ ପାଦକୁ ବନ୍ଦନା କରିବି । ନିଜର ଆତ୍ମାକୁ କ୍ଷୁଦ୍ର ଘାସ କରିଦେଇ ସମସ୍ତ ମୋହ, ଅହଂକାରକୁ ତ୍ୟାଗ ପୂର୍ବକ ଗୁରୁଙ୍କୁ ସମର୍ପିତ ହୋଇପାରିଲେ ହିଁ ବ୍ରହ୍ମ ଦର୍ଶନ ସମ୍ଭବ ।

ଗୁରୁ ଶିଷ୍ୟ ପରମ୍ପରାରେ ଋଷି ଅଷ୍ଟାବକ୍ରଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ସନାତନ ଶାସ୍ତ୍ରରେ ଏଇ ଗୁରୁ ଶିଷ୍ୟଙ୍କ ସମ୍ବାଦ ଏକ ଉତ୍କୃଷ୍ଟ ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୁରୁ ଅଷ୍ଟବକ୍ରଙ୍କ ଜନ୍ମକଥା ଶାସ୍ତ୍ରରେ ଉଲ୍ଲେଖ ଅଛି । ବେଦାନ୍ତଚାର ଋଷି ଉଦ୍ଦାଳକଙ୍କ ଶିଷ୍ୟ ଥିଲେ ବେଦଜ୍ଞ କହୋଡ । ଶିଷ୍ୟ କହୋଡ ଋଷି ଉଦ୍ଦାଳକଙ୍କ ଝିଅ ସୁଜାତା ସହିତ ବିବାହ କରିଥିଲେ । ବେଦଜ୍ଞ କହୋଡ ସୁଜାତାଙ୍କୁ ବେଦ ସମ୍ବନ୍ଧରେ କହୁଥିଲା ବେଳେ ଗର୍ଭସ୍ଥ ଶିଶୁ କହିଥିଲା ପିତା ବେଦକୁ ଅପଭ୍ରଂଶ କରି କାହିଁକି ଆଲୋଚନା କରୁଛ । କାରଣ ଆତ୍ମଜ୍ଞାନ ଉପରେ ଆଉ କିଛି ଜ୍ଞାନ ନାହିଁ । କ୍ରୋଧିତ ହୋଇ କହୋଡ ଗର୍ଭସ୍ଥ ପୁତ୍ରକୁ ଅଭିଶାପ ଦେଲେ ଅଷ୍ଟବକ୍ର ହୋଇ ଜନ୍ମ ନେବୁ ।

ଦିନେ ଜନକଙ୍କ ସଭାକୁ ଋଷି କହୋଡ ଆର୍ଥିକ ସହାୟତା ପାଇଁ ଗଲେ । ସେଠାରେ ବନ୍ଦି ଋଷି ଯିଏ କି ବରୁଣଙ୍କ ପୁତ୍ର ଥିଲେ ଶାସ୍ତ୍ର ତର୍କରେ କହୋଡଙ୍କୁ ହରାଇ ଦେଲେ । ପରିଣାମରେ କହୋଡଙ୍କୁ ଜଳସମାଧି ନେବାକୁ ପଡିଲା । ଏପଟରେ ଅଷ୍ଟାବକ୍ର ଜନ୍ମ ହୋଇ ବଡ଼ ହେଉଥିଲେ । ମାମୁଁ ଶ୍ୱେତକେତୁଙ୍କ ଠାରୁ ଜାଣିପାରିଲେ କି ଉଦ୍ଦାଳକ ତାଙ୍କର ପିତା ନୁହନ୍ତି ବରଂ ଅଜା ଅଟନ୍ତି । ମାତା ସୁଜାତା ବ୍ୟଥିତ ହୋଇ ପୁତ୍ର ଅଷ୍ଟାବକ୍ରଙ୍କୁ ପିତା କହୋଡ ଜନକଙ୍କ ସଭାରେ ଶାସ୍ତ୍ର ତର୍କରେ ହାରିଯାଇ ଜଳ ସମାଧି ନେଇଛନ୍ତି ବୋଲି କହିଥିଲେ ।

ଅଷ୍ଟାବକ୍ର ଜନକଙ୍କ ସଭାକୁ ତୁରନ୍ତ ଗଲେ । ସେଠାରେ ବନ୍ଦି ଋଷିଙ୍କୁ ଶାସ୍ତ୍ର ତର୍କରେ ହରାଇ ପିତା କହୋଡଙ୍କୁ ବଞ୍ଚାଇଲେ । ଏଥିରୁ ଜଣାଯାଏ ଅହଂକାର ଆଉ ମୋହ ପାଇଁ ଋଷି କହୋଡ ଏବଂ ବନ୍ଦି ଋଷି ବେଦଜ୍ଞ ହୋଇ ମଧ୍ୟ ହାରିଥିଲେ ନିଶ୍ଚୟ ପିତା କହୋଡ ପୁତ୍ର ଅଷ୍ଟାବକ୍ର ଉପରେ ଆନନ୍ଦ ପ୍ରକଟ କରି କହିଲେ ପୁତ୍ର ତୁମେ ସାମଙ୍ଗା ନଦୀରେ ସ୍ନାନ କଲେ ତୁମର ବିକୃତ ଶରୀର ପରିବର୍ତ୍ତନ ହୋଇଯିବ । ପିତାଙ୍କ କଥାରେ ଅଷ୍ଟାବକ୍ର ସାମଙ୍ଗା ନଦୀରେ ସ୍ନାନ କରି ସୁସ୍ଥ ଶରୀର ପ୍ରାପ୍ତ କଲେ।

ଜନକଙ୍କ ରାଜସଭାରେ ପ୍ରଚଣ୍ଡ ଶାସ୍ତ୍ରତର୍କ ହେଲାପରେ ଜନକ ଋଷି ଅଷ୍ଟାବକ୍ରଙ୍କୁ ନିଜର ଗୁରୁ ସ୍ୱୀକାର କରିଥିଲେ । ସଂସାରରେ ରହି ମଧ୍ୟ ରାଜା ଜନକ ମୋହଗ୍ରସ୍ତ ନ ଥିଲେ । ଜନକ ଥିଲେ ଜିଜ୍ଞାସା ଭକ୍ତ । ତେଣୁ ସେ ଅଷ୍ଟାବକ୍ରଙ୍କୁ ଜ୍ଞାନ ପ୍ରାପ୍ତିର ଉପାୟ ପଚାରିଥିଲେ । ମୋର ମୁକ୍ତି କିପରି ହେବ ? ବୈରାଗ୍ୟ କିପରି ଆସିବ ? ଇତ୍ୟାଦି । ଜନକ ଏବଂ ଗୁରୁ ଅଷ୍ଟାବକ୍ରଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଏକ ଗ୍ରନ୍ଥର ସ୍ୱରୂପ ନେଲା । ଯାହାକୁ 'ଅଷ୍ଟାବକ୍ର ଗୀତା' କୁହାଗଲା। କାରଣ ରାଜା ଜନକ ପଚାରିଥିଲେ ଅନେକ ଗୁଢତତ୍ତ୍ୱ ମୂଳକ ପ୍ରଶ୍ନ । ମହର୍ଷି ଅଷ୍ଟାବକ୍ର ଦେଉଥିବା ଉତ୍ତରରେ ଜ୍ଞାନ, ବୈରାଗ୍ୟ, ଭକ୍ତି ଓ ଶରଣାଗତିର ମାର୍ଗ ଭରି ରହିଥିଲା । ଗୁରୁ ଅଷ୍ଟାବକ୍ର ଆତ୍ମାକୁ ମହତ୍ତ୍ୱ ଦେଉଥିଲାବେଳେ ଶରୀରକୁ ତୁଚ୍ଛ ଭାବୁଥିଲେ । ଆତ୍ମଜ୍ଞାନ ପ୍ରାପ୍ତ କରିବାକୁ ହେଲେ ନିଜର କର୍ତ୍ତାପଣରୁ ମୁକ୍ତ ହେବା ଉଚିତ। ଆତ୍ମଜ୍ଞାନୀର ଦ୍ୱୈତ ଭାବନା ରହିବା ଉଚିତ ନୁହେଁ ।

ଆତ୍ମବୋଧର ଜ୍ଞାନ ଦେଇସାରି ଅଷ୍ଟାବକ୍ର ଭାବିଲେ ରାଜା ଜନକ ପାଇଥିବା ଜ୍ଞାନକୁ ଭୁଲି ଗଲେ କି ? ଜାଣିବାକୁ ଚାହିଁଥିଲେ ଜନକ ଆତ୍ମଜ୍ଞାନ ପ୍ରାପ୍ତ ହୋଇଛନ୍ତିକି ନାହିଁ । ଅତି ବିନମ୍ରତା ସହିତ ଜନକ କହିଉଠିଲେ ମୁଁ ନିରଞ୍ଜନମୟ ହୋଇଗଲି। ମୁଁ ଏବେ ସବୁ ଆଶା ଆଉ ନିରାଶାର ଉର୍ଦ୍ଧ୍ୱରେ । ଏଠାରେ ଗୁରୁ ଅଷ୍ଟାବକ୍ର ଆଉ ଶିଷ୍ୟ ଜନକଙ୍କର ଏକାତ୍ମବୋଧ ଜାଗୃତ ହୋଇଉଠିଛି ।

ଗୁରୁ ଶିଷ୍ୟ ପରମ୍ପରା ଆମ ସଂସ୍କୃତିର ମୂଳାଧାର । ଏଥିପାଇଁ ଗୁରୁ ପୂଜନ ଗୁରୁ ପୁର୍ଣିମାରେ କରାଯାଏ । ଆଷାଢ଼ ଶୁକ୍ଳ ପୂର୍ଣ୍ଣିମାରେ ମହର୍ଷି ବେଦବ୍ୟାସ ଜନ୍ମ ହୋଇ ଥିଲେ । ସନାତନ ପରମ୍ପରାରେ ବେଦବ୍ୟାସ ହେଉଛନ୍ତି ଆଧ୍ୟାତ୍ମିକ ଗୁରୁ । ଜନ କଲ୍ୟାଣ ପାଇଁ ମହର୍ଷି ବେଦବ୍ୟାସ ବେଦ, ଉପନିଷଦ, ଅଷ୍ଟାଦଶ ପୁରାଣ, ଉପପୁରାଣ, ମହାଭାରତ, ଶ୍ରୀମଦଭାଗବତ ଇତ୍ୟାଦି ରଚନା କରି ଆଧ୍ୟାତ୍ମିକ ଦିଗକୁ ପ୍ରସାରିତ କରିଛନ୍ତି । ଏତଦ ବ୍ୟତୀତ ସୃଷ୍ଟିର ପ୍ରାରମ୍ଭରେଏଇ ଆଷାଢ଼ ଶୁକ୍ଳ ପୁର୍ଣିମାରେ ଆଦିଗୁରୁ ଶିବ ଶପ୍ତର୍ଷି ମାନଙ୍କୁ ଗୁରୁ ରୂପରେ ଜ୍ଞାନ ଭକ୍ତି,ବୈରାଗ୍ୟ,ସମର୍ପଣ ଭାବର ଶିକ୍ଷା ଦେଇଥିଲେ । ଏହି ପରମ୍ପରାକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ ପବିତ୍ର ଗୁରୁ ପୁର୍ଣିମା ପାଳନ କରାଯାଏ । ଗୁରୁ ବିନା ଜ୍ଞାନ ନାହିଁ। ଜ୍ଞାନର ଅଧିକାରୀ ହେବା ପାଇଁ କାୟିକ ମାନସିକ ତଥା ବାଚନିକ ସ୍ତରରେ ଚାଲ ଆମେ ଗୁରୁପାଦେ ସମର୍ପିତ ହୋଇ ଯିବା ।

# ଭାରତୀୟ ଗୁରୁକୁଳ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା



ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ ଅତିରିକ୍ତ
ଆରକ୍ଷୀ ଅଧିକ୍ଷକ
ମୋ–୮୨୪୯୨୮୧୫୬୭

ଗୁରୁ ଏକ ସଂସ୍କୃତ ଶବ୍ଦ ଓ ଏହି ଶବ୍ଦ ଅତି ପ୍ରାଚୀନ କାଳରୁ, ଏପରିକି ବୈଦିକ ଯୁଗରୁ ଚଳି ଆସୁଅଛି । ଯେଉଁ ମହାନୁଭବ ପଣ୍ଡିତ, ସାଧୁସନ୍ଥ ମଣିଷକୁ ଅଜ୍ଞାନ ରୂପକ ଅନ୍ଧାକାର ଭିତରୁ ଆଲୋକକୁ ନେଇଥାନ୍ତି ବା ମଣିଷ ଜୀବନର ସାମଗ୍ରିକ ପାଇଁ ମାର୍ଗଦର୍ଶନ କରାଇବା ସହିତ ମୋକ୍ଷ ପ୍ରାପ୍ତିର ଉପାୟ ବତାଇଥା'ନ୍ତି ସେହିମାନେ ହିଁ ପ୍ରକୃତ ଗୁରୁ । ସେଥିପାଇଁ କୁହାଯାଇଛି 'ଓଁ ଅଜ୍ଞାନ ତିମିରାମ ଧସ୍ୟ ଜ୍ଞାନାମ୍ଜନ ଶଳା କୟା, ଚକ୍ଷୁରୁମଳିତମ୍ ଜେନ ତସ୍ମୈ ଶ୍ରୀ ଗୁରବେ ନମଃ ।' ଜଣେ ବ୍ୟକ୍ତି ଜ୍ଞାନ ଅର୍ଜନ କରିବା ସହିତ ସଫଳତାର ସୋପାନ ଅତିକ୍ରମ କରିବା ପାଇଁ ହେଲେ ପ୍ରତ୍ୟେକ କ୍ଷେତ୍ରରେ, ଏପରିକି ନୃତ୍ୟ, ସଂଗୀତ, ଯୋଗ ବିଦ୍ୟା ଆଦିରେ ଜଣେ ଜଣେ ସଫଳ ଗୁରୁଙ୍କ ଆବଶ୍ୟକତା ପଡ଼ିଥାଏ।

ବିନା ଗୁରୁରେ କୌଣସି କାର୍ଯ୍ୟ ସମ୍ଭବ ନୁହେଁ । Guru is a mentor, guide, expert or master of certain knowledge of field, who helps in the spiritual evolution and disperse the darkness of ignorance of a student. ଆମ ଶାସ୍ତ୍ରରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି । ପିଲାଟିଏ ଭୂମିଷ୍ଠ ହେବାପରେ ସେ କିଛି ଜାଣିନଥାଏ, ଏପରିକି କଥା କହିବା, ଚାଲିବା, ଖାଇବା ଇତ୍ୟାଦି । ପିଲାଟିର ପିତା ମାତା ତାକୁ ଖାଇବା, ଚାଲିବା, କଥା କହିବା ଆଦି ଶିକ୍ଷା ଦେଇଥା'ନ୍ତି । ସେଥିପାଇଁ ପିତା ମାତା ପିଲାଟିର ଆଦ୍ୟ ଗୁରୁ । ପ୍ରାଚୀନ କାଳରେ ପିଲାଟି ଯେତେବେଳେ ବଡ଼ ହୋଇଯାଏ, ପାଠ ପଢ଼ିବାର ବୟସ ଉପନୀତ ହୁଏ ତା'ର ପିତା ମାତା ତାକୁ ନେଇ ଗୁରୁକୂଳରେ ଛାଡି ଦେଇ ଆସୁଥିଲେ। ସେହି ଆଶ୍ରମରେ ପିଲାଟି ବୈଷୟିକ ବିଦ୍ୟା ପଢିବା ସହିତ ଆଧ୍ୟାତ୍ମିକ ବିଦ୍ୟା ପାଠ କରୁଥିଲା । ମୁଖ୍ୟତଃ ବ୍ରାହ୍ମଣମାନେ ଗୁରୁକୂଳଗୁଡିକୁ ଚଳାଉଥିଲେ । ଆଜିର ଇଂରାଜୀ ବିଦ୍ୟାଳୟର ଶିକ୍ଷକ ଓ ସେଦିନର ଗୁରୁକୁଳର ଗୁରୁ ଭିତରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଆଜିର ଇଂରାଜୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଗୁରୁ କୁହାଯାଉନି; କାରଣ ଏମାନେ ଛାତ୍ରମାନଙ୍କୁ କେବଳ ବୈଷୟିକ ବିଦ୍ୟାଶିକ୍ଷା ଦେଇଥା'ନ୍ତି । କିନ୍ତୁ ଗୁରୁକୂଳରେ ଉଭୟ ବୈଷୟିକ ଓ ଆଧ୍ୟାତ୍ମିକ ଶିକ୍ଷା ଦିଆଯାଉଥିବାରୁ ସେମାନଙ୍କୁ ଗୁରୁ କୁହାଯାଇଥାଏ। ସ୍କନ୍ଦ ପୁରାଣରେ ସାତ ପ୍ରକାର ଗୁରୁଙ୍କ କଥା ବର୍ଣ୍ଣନା କରାଯାଇଛି । ସେମାନେ ହେଲେ ସୂଚକ ଗୁରୁ, ବାଚକ ଗୁରୁ, ବୌଦ୍ଧିକ ଗୁରୁ, ନିଷିଦ୍ଧ ଗୁରୁ, ବିହିତ ଗୁରୁ, କାମାକ୍ଷା ଗୁରୁ ଏବଂ ପରମ ଗୁରୁ । ବିଦ୍ୟାଳୟଗୁଡିକରେ ଯେଉଁ ଗୁରୁମାନେ ବିଦ୍ୟାଦାନ କରୁଛନ୍ତି ସେମାନଙ୍କୁ ସୂଚକ ଗୁରୁ କୁହାଯାଏ, ଯେଉଁ ଗୁରୁ ଛାତ୍ରଙ୍କୁ ଈଶ୍ୱରୀୟ ଜ୍ଞାନ ପ୍ରଦାନ କରନ୍ତି ସେମାନଙ୍କୁ ବାଚକ ଗୁରୁ ଓ ଯେଉଁ ଗୁରୁ ଛାତ୍ରମାନଙ୍କୁ ଆଧ୍ୟାତ୍ମିକ ବିଦ୍ୟା ସମ୍ପର୍କରେ ସଚେତନ କରାଏ ସେମାନଙ୍କୁ ବୌଦ୍ଧିକ ଗୁରୁ ବୋଲି କୁହାଯାଏ । ଯେଉଁମାନେ ତନ୍ତ୍ର ବିଦ୍ୟା ପ୍ରଦାନ କରନ୍ତି ସେମାନଙ୍କୁ ନିଷିଦ୍ଧ ଗୁରୁ ଓ ଯେଉଁ ଗୁରୁ ମାନେ ଆଧ୍ୟାତ୍ମିକ ବିଦ୍ୟାରେ ଆଗକୁ ଯିବାକୁ ପ୍ରେରଣା ଦିଅନ୍ତି ସେମାନଙ୍କୁ ବିହିତ ଗୁରୁ କୁହାଯାଉଥିବା ବେଳେ ଯେଉଁ ଗୁରୁମାନେ ସଂସାରର ସମସ୍ତ ଭୋଗ୍ୟ ବିଷୟକୁ ପରିହାର କରି ସନ୍ନ୍ୟାସୀ ହେବାକୁ ଉପଦେଶ ଦିଅନ୍ତି ସେମାନଙ୍କୁ କାମାକ୍ଷା ଗୁରୁ କୁହାଯାଏ । ଗୁରୁଙ୍କ ଗୁରୁଙ୍କୁ ପରମ ଗୁରୁ କୁହାଯାଇଥାଏ । ପରମ ଗୁରୁଙ୍କ ଗୁରୁଙ୍କୁ ପରମେଷ୍ଠି ଗୁରୁ କୁହାଯାଇଥାଏ । ପରମେଷ୍ଠି ଗୁରୁଙ୍କୁ high level divine ଗୁରୁ କୁହାଯାଏ । ବ୍ୟାସଦେବଙ୍କୁ ପରମେଷ୍ଠି ଗୁରୁ କୁହାଯାଏ।

ଗୁରୁ ଶିଷ୍ୟ ପରମ୍ପରା ଭାରତୀୟ ସଂସ୍କୃତିର ପରିଚୟ ଓ ଅତି ପ୍ରାଚୀନ । ଭାରତରେ ଗୁରୁ ପୂର୍ଣ୍ଣମୀ ତିଥିକୁ ଅତି ଶ୍ରଦ୍ଧାର ସହିତ ପାଳନ କରାଯାଏ । କୁହାଯାଏ ୧୫ ହଜାର ବର୍ଷ ପୂର୍ବରୁ ଭଗବାନ ଶିବ ଶଙ୍କର ତପସ୍ୟାରେ ସିଦ୍ଧି ଲାଭ କରି ଖୁସିରେ ହିମାଳୟ ପର୍ବତରେ ଉଦ୍ଦଣ୍ଡ ନୃତ୍ୟ କରୁଥିଲେ । ଭଗବାନଙ୍କ ଏହି ରୂପକୁ ଦର୍ଶନ କରି ସପ୍ତରଷି ବୃହସ୍ପତି, ମହେନ୍ଦ୍ର, ପ୍ରଚେତସ, ମନୁ, ଭରଦ୍ୱାଜ ପ୍ରଭୃତି ଏହି ନୃତ୍ୟର ରହସ୍ୟ ଜାଣିବାକୁ ପ୍ରଭୁଙ୍କ ନିକଟକୁ ଗଲେ । କିନ୍ତୁ ଭଗବାନ ପୁନର୍ବାର ଧ୍ୟାନ ମଗ୍ନ ହୋଇଯିବା ଫଳରେ ଋଷି ମଣ୍ଡଳୀ କୌଣସି ଉତ୍ତର ପାଇପାରିଲେ ନାହିଁ, କିନ୍ତୁ ଅପେକ୍ଷା କଲେ । କିଛି ବର୍ଷପରେ ପୁଣି ଯେତେବେଳେ ପ୍ରଭୁ ଆଖି ଖୋଲିଲେ ସେ ସପ୍ତରଷିମାନଙ୍କୁ ଦେଖିଲେ, ହେଲେ ଏଥର ମଧ୍ୟ ରଷିମାନେ ନିରାଶ ହେଲେ, ଉତ୍ତର ପାଇପାରିଲେ ନାହିଁ । ପୁନର୍ବାର ପ୍ରଭୁ ସମାଧି ଅବସ୍ଥାକୁ ଚାଲିଗଲେ ଓ ପୁଣି କିଛି ବର୍ଷ ପରେ ପ୍ରଭୁ ଯେତେବେଳେ ସମାଧି ଅବସ୍ଥାରୁ ବାହାରକୁ ଆସିଲେ ଦେଖିଲେ ରଷିମନେ ନିଷ୍ଠା ଓ ଧୈର୍ଯ୍ୟର ସହିତ ପ୍ରଶ୍ନର ଉତ୍ତର ପାଇଁ ଅପେକ୍ଷା କରିଛନ୍ତି । ପ୍ରଭୁ ସେମାନଙ୍କ ନିଷ୍ଠା ଓ ସଂକଳ୍ପରେ ପ୍ରଭାବିତ ହୋଇ ଆସନ୍ତା ପୂର୍ଣ୍ଣମୀ ତିଥିରେ ସେହି ରଷିମାନଙ୍କୁ ନିଜର ଶିଷ୍ୟ ଭାବରେ ଗ୍ରହଣ କରିନେଲେ । ସେହି ପୂର୍ଣ୍ଣମୀକୁ ଗୁରୁ ପୂର୍ଣ୍ଣମୀ ଭାବେ ପାଳନ କରାଯାଉଛି । ସେହିଦିନଠାରୁ ଶିବ ଆଦିଗୁରୁ ଭାବେ ଆମ ସଂସ୍କୃତିରେ ପୂଜା ପାଇ ଆସୁଛନ୍ତି । ପରାଶର ନନ୍ଦନ ବ୍ୟାସଦେବଙ୍କ ଜନ୍ମ ଗୁରୁ ପୂର୍ଣ୍ଣମୀରେ ହୋଇଥିବାରୁ ଏହାକୁ ମଧ୍ୟ ବ୍ୟାସ ପୂର୍ଣ୍ଣମୀ କୁହାଯାଇଥାଏ । ଭଗବାନ ଶିବ ଶଙ୍କର ପରେ ବ୍ୟାସଦେବଙ୍କୁ ମଧ୍ୟ ଆଦିଗୁରୁ ଭାବେ ସମ୍ମାନ ଦିଆଯାଏ । ବ୍ରହ୍ମଦେବଙ୍କ ଦ୍ୱାରା ସୃଷ୍ଟ ବେଦକୁ ବ୍ୟାସଦେବ ଯଥା–ଋକ, ଯଜୁ, ସାମ ଓ ଅଥର୍ବ ଏଇ ଭଳି ଚାରି ଭାଗରେ ବିଭକ୍ତ କରି ପ୍ରଥମେ ଲୋକଲୋଚନକୁ ଆଣିଥିଲେ। ବେଦ ହିଁ ଭାରତୀୟ ସଂସ୍କୃତିର ମୂଳ ଗ୍ରନ୍ଥ । ଏତଦବ୍ୟତୀତ ବ୍ୟାସଦେବ ଅଷ୍ଟାଦଶ ପୂରଣ ଓ ଅଷ୍ଟାଦଶ ଉପପୂରଣ ରଚନା କରି ଭାରତରେ ପୁରାଣ ପରମ୍ପରା ସୃଷ୍ଟି କରିଥିଲେ । ଏ ସମସ୍ତ ପୁରାଣ ଓ ଉପପୁରାଣ ମଧ୍ୟରେ ଭାଗବତମ୍ ଥିଲା ତାଙ୍କର ସର୍ବଶ୍ରେଷ୍ଠ କୃତି, ଯାହାକୁ ତାଙ୍କର ପୁତ୍ର ଶୁକଦେବ ମୁନି ପରବର୍ତ୍ତୀ ସମୟରେ ପ୍ରଚାର କରିଥିଲେ । ବ୍ୟାସଦେବ ଭଗବାନଙ୍କ ଅଂଶାବତାର ଥିଲେ, ସେଥିପାଇଁ କୁହାଯାଏ ବ୍ୟସାୟ ବିଷ୍ଣୁ ରୂପାୟ ବ୍ୟାସ ରୂପାୟ ବିଷ୍ଣୋବେ। ସୃଷ୍ଟି ଆରମ୍ଭରେ ବୃହସ୍ପତି ଦେବତାମାନଙ୍କ ଗୁରୁ ଥିବା ବେଳେ, ଶୁକ୍ରାଚାର୍ଯ୍ୟ ଅସୁର ମାନଙ୍କ ଗୁରୁ ଥିଲେ ଓ ଏହି ଦୁଇଜଣ ଶିବ ଶଙ୍କରଙ୍କର ମଧ୍ୟ ଶିଷ୍ୟ ଥିଲେ ।

ଅତୀତରେ ସନାତନ ସଂସ୍କୃତିରେ, ଏପରିକି ବୈଦିକ କାଳରୁ ଅର୍ଥାତ ଖ୍ରୀଷ୍ଟପୂର୍ବ ୫୦୦୦ ବର୍ଷ ପୂର୍ବରୁ ବର୍ଣ୍ଣ ବ୍ୟବସ୍ଥା ପ୍ରଚଳିତ ଥିଲା । ପିଲାଟିର ଯେତେବେଳେ ବିଦ୍ୟା ଗ୍ରହଣ କରିବାର ବୟସ ଉପନୀତ ହେଉଥିଲା ତା'ର ପିତାମାତା ତାକୁ ନେଇ ଗୁରୁ ଆଶ୍ରମରେ ଛାଡି ଦେଉଥିଲେ । ଗୁରୁଙ୍କ ଆଶ୍ରମରେ ପିଲାଟି ପ୍ରାପ୍ତବୟସ୍କ ଅର୍ଥାତ ୨୪/୨୫ ବର୍ଷ ପର୍ଯ୍ୟନ୍ତ ରହି ଗୁରୁଙ୍କଠାରୁ ବୈଷୟିକ ବିଦ୍ୟା ସହିତ ଆଧ୍ୟାତ୍ମିକ ବିଦ୍ୟା ଓ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ଏକ ସୁନାଗରିକ ଭାବେ ସମାଜରେ ଉଭା ହେଉଥିଲା । ଏହି ବ୍ୟବସ୍ଥାର ନାଁ ଥିଲା ବ୍ରହ୍ମଚର୍ଯ୍ୟ ପ୍ରଥା । ପିଲାଟିଏ ଗୁରୁ ଗୃହରେ ପହଞ୍ଚିବା ପରେ ପ୍ରଥମେ ତା'ର ଉପନୟନ ସଂସ୍କାର କରାଯାଇ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବାକୁ କୁହାଯାଉଥିଲା । ଗୁରୁ ଶିଷ୍ୟମାନଙ୍କୁ ନିଜ ପୁତ୍ର ଭଳି ସ୍ନେହ ଓ ଶ୍ରଦ୍ଧା ପୂର୍ବକ ବିଦ୍ୟାଦାନ କରୁଥିଲେ ଓ ଛାତ୍ରମନେ ଗୁରୁଙ୍କ ସେବା ଅତି ଯତ୍ନ ଓ ଭକ୍ତିର ସହିତ କରୁଥିଲେ । ପ୍ରାତଃ ମୁହୂର୍ତ୍ତରୁ ପିଲାମାନେ ଶଯ୍ୟା ତ୍ୟାଗ କରି ନିକଟସ୍ଥ ନଦୀ କିମ୍ୱା ଜଳାଶ୍ରୟରେ ସ୍ନାନ କରି ସୂର୍ଯ୍ୟ ବନ୍ଦନା କରୁଥିଲେ ଓ ଏହାପରେ ଦିନ ପ୍ରାୟ ୧୧ ପର୍ଯ୍ୟନ୍ତ ପାଠ ପଢ଼ାରେ ମନୋନିବେଶ କରି ୧୧ ପରେ ଭିକ୍ଷାଟନକୁ ଯାଇ ଯାହା ଆଣୁଥିଲେ ସେଥିରୁ କିଛି ଖାଦ୍ୟ ଖାଇ ପୁନର୍ବାର ପାଠ ପଢୁଥିଲେ । ପାଠ ସନ୍ଧ୍ୟା ପର୍ଯ୍ୟନ୍ତ ପଢି ସାରିବା ପରେ ସନ୍ଧ୍ୟା ବନ୍ଦନା କରି ପ୍ରସାଦ ସେବନ କରି ବିଶ୍ରାମ କରୁଥିଲେ । ଏ ଥିଲା ପ୍ରତ୍ୟେକ ଦିନର ଜୀବନଚର୍ଯ୍ୟା । ଗୁରୁ ଗୃହରେ ପ୍ରାୟ ୧୮/୨୦ଟି ବିଷୟ ଉପରେ ଯଥା–ବେଦ, ବେଦାନ୍ତ, ବ୍ୟାକରଣ, ଇତିହାସ, ଗଣିତ, ଜ୍ୟୋତିଷ ଶାସ୍ତ୍ର, ଶିଳ୍ପକଳା, ଅର୍ଥ ଶାସ୍ତ୍ର, ଧର୍ନୁବିଦ୍ୟା, ଦର୍ଶନ, ଆୟୁର୍ବେଦ, ଯୋଗ, ରାଜନୀତି ବିଜ୍ଞାନ, ଜ୍ୟୋତିଷ ଗଣିତ, ରାମାୟଣ, ମହାଭାରତ ଆଦି ପିଲାମାନଙ୍କୁ ଶିକ୍ଷା ଦିଆଯାଉଥିଲା । ଏହି ଆଶ୍ରମମାନଙ୍କରେ ବିଦେଶରୁ ମଧ୍ୟ ପିଲାମାନେ ଆସି ବିଦ୍ୟା ଶିକ୍ଷା କରୁଥିଲେ । ଏହି ଆଶ୍ରମରୁ ଶିକ୍ଷା ଲାଭ କରି ଶ୍ରୀରାମଚନ୍ଦ୍ର ଭଗବାନ, କୃଷ୍ଣ, ଚନ୍ଦ୍ରଗୁପ୍ତ, ଚାଣକ୍ୟ, ପତଞ୍ଜଳି, ପାଣିନୀ ଭଳି ବିଦ୍ୱାନମାନେ ନିଜର ଜ୍ଞାନାଲୋକରେ ସମଗ୍ର ପୃଥିବୀକୁ ଆଲୋକିତ କରିପାରିଥିଲେ । ପ୍ରାଚୀନ କାଳରେ ଭାରତରେ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ନାଳନ୍ଦା, ତକ୍ଷଶିଳା, ଯେଉଁଠାରେ ପୃଥିବୀ ଅନେକ ଦେଶର ଛାତ୍ରମାନେ ଅଧ୍ୟୟନ କରିବାର ଗୌରବ ଅର୍ଜନ କରୁଥିଲେ । ବର୍ଣ୍ଣାଶ୍ରମର ଦ୍ୱିତୀୟ ଅବସ୍ଥାକୁ ଗାହର୍ସ୍ଥ୍ୟ କୁହାଯାଏ । ଏହି ଅବସ୍ଥାରେ ବ୍ୟକ୍ତି ସ୍ୱଗୃହକୁ ଫେରି ଆସି ସଂସାର ବନ୍ଧନରେ ବାନ୍ଧି ହୋଇ କର୍ମ କରିଥାଏ । ସେ ଯେତେବେଳେ ୬୦ ବର୍ଷରେ ପଦାର୍ପଣ କରେ ସାଂସାରିକ ମୋହମାୟାରୁ ଦୂରେଇ ରହି ଈଶ୍ୱରଙ୍କ ସାନ୍ନିଧ ଲାଭ ପାଇଁ ଜପ ତପ, ଭଜନ କୀର୍ତ୍ତନ କରିଥାଏ । ଏହି ଅବସ୍ଥାକୁ ବାନପ୍ରସ୍ଥ ଅବସ୍ଥା କୁହାଯାଏ । ବ୍ୟକ୍ତି ଏହି ସମୟରେ ଗୃହରେ ରହି ଗୃହ କାର୍ଯ୍ୟରେ ବା ସାଂସାରିକ ଜଞ୍ଜାଳରୁ ଦୁରେଇ ରହିଥାଏ । ପଦ୍ମ ପତ୍ରରେ ଜଳ ପଡିଲେ ଯେଭଳି ପତ୍ରରେ ନ ରହି ଗଡ଼ିଯାଏ ଠିକ ସେହିପରି ବ୍ୟକ୍ତି ସଂସାର ଭିତରେ ଥାଇ ସାଂସାରିକ କର୍ମରୁ ବିରତ ରହେ । ପରବର୍ତ୍ତୀ ଅବସ୍ଥାକୁ ସନ୍ୟାସ କୁହାଯାଏ । ଏହି ସମୟରେ ବ୍ୟକ୍ତି ନିଜର ସମସ୍ତ ଦାୟିତ୍ୱ ନିଜ ସନ୍ତାନ ସନ୍ତତିମାନଙ୍କ ହାତରେ ଅର୍ପଣ କରି ଗୃହ ପରିତ୍ୟାଗ କରେ ଓ ଏକ ସନ୍ନ୍ୟାସୀ ଜୀବନ ଯାପାନ କରି ଜୀବନର ଶେଷ ଭାଗରେ ଈଶ୍ୱରଙ୍କ ସେବାରେ ନିଜକୁ ସମର୍ପଣ କରିଥାଏ । ଶିଷ୍ୟମାନେ ଗୁରୁଙ୍କୁ ଭଗବାନଙ୍କ ଭଳି ଭକ୍ତି ଓ ସେବା କରୁଥିଲେ । ଅରୁଣି ନାମକ ଏକ ଶିଷ୍ୟ ଗୁରୁଙ୍କ କ୍ଷେତରେ ପାଣିର ସ୍ରୋତକୁ ବନ୍ଦ କରିନପାରି ନିଜେ ଶୋଇପଡ଼ିବା ଓ ପାଣିର ସ୍ରୋତକୁ ଅଟକାଇବା କଥା ସମସ୍ତେ ଜାଣନ୍ତି। ଦ୍ରୋଣାଚାର୍ଯ୍ୟ ଏକଲବ୍ୟକୁ ଶସ୍ତ୍ର ଶିକ୍ଷା ଦେଇନଥିଲେ । ଏକଲବ୍ୟ ମନରେ ଓ ପ୍ରାଣରେ ଦ୍ରୋଣାଚାର୍ଯ୍ୟଙ୍କୁ ଗୁରୁ ମନେ କରି ଶସ୍ତ୍ର ଶିକ୍ଷା କରିବା ଓ ଗୁରୁ ଦକ୍ଷିଣା ବାବଦକୁ ନିଜର ବୃଦ୍ଧ ଆଙ୍ଗୁଳିକୁ କାଟି ଗୁରୁଙ୍କୁ ସମର୍ପଣ କରିବା ଗୁରୁ ଶିଷ୍ୟ ପରମ୍ପରାର ମହନୀୟତାକୁ ପ୍ରତିପାଦିତ କରୁଅଛି । ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ଜଣେ ଶିଷ୍ୟ ଥିଲେ ଓ ସେ ଅର୍ଜ୍ଜୁନଙ୍କ ଭକ୍ତି ନିଷ୍ଠାରେ ପ୍ରୀତ ହୋଇ ତାଙ୍କୁ ନିଜର ବିଶ୍ୱରୂପକୁ ଦର୍ଶନ କରାଇଥିଲେ । ଇଂରେଜମାନେ ଭାରତବର୍ଷର ଶାସନ ବ୍ୟବସ୍ଥାକୁ ଅକ୍ତିଆର କରିସାରିବା ପରେ ଅନୁଭବ କଲେ ଯେ ଯଦି ଗୁରୁକୁଳ ପ୍ରଥାକୁ ଉଚ୍ଛେଦ କରାନଯିବା ତାହେଲେ ଭାରତୀୟ ମାନଙ୍କୁ ଜୟ କରିବା କଷ୍ଟ ହେବ । ଏହାପରେ ଥୋମାସ ବେବିଙ୍ଗ୍‌ଟନ୍ ମାକୁଲେ ଯେକି ଜଣେ ବ୍ରିଟିଶ ରାଜନେତା ଥିଲେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ପରିବର୍ତ୍ତନ ଆଣିବାକୁ ବ୍ରିଟିଶ ସରକାରଙ୍କୁ ସୁପାରିଶ କଲେ ଓ ଯେଉଁ ଅନୁଦାନ ଗୁରୁକୂଳଗୁଡିକୁ ଦିଆଯାଉଥିଲା ତାକୁ ବନ୍ଦ କରିଦିଆଗଲା ଓ ଭାରତରେ ପାଶ୍ଚାତ୍ୟ ଶିକ୍ଷା ଅନୁକରଣରେ ଇଂରାଜୀ ଭାଷାରେ ବିଦ୍ୟାଳୟମାନ ଖୋଲିଲା । ମାକୁଲେ ଯେଉଁ ରିପୋର୍ଟ ଦେଇଥିଲେ ତାକୁ ମାକୁଲେ ରିପୋର୍ଟ ବୋଲି କୁହାଯାଏ । ତାଙ୍କ ରିପୋର୍ଟ ଆଧାରରେ ୧୮୩୫ ମସିହାରେ ନୂଆ ଶିକ୍ଷାନୀତି ପ୍ରଣୟନ କରାଗଲା । ଏହା ପରେ ପରେ ଗୁରୁକୁଳ ପ୍ରତି ଆଦର କମିଲା ଓ ଇଂରାଜୀ ପାଠ ଉପରେ ଭାରତୀୟମାନେ ଭରସା କରିବାକୁ ଆରମ୍ଭ କଲେ । ଭାରତୀୟମାନେ କିଭଳି ଆମର ପ୍ରାଚୀନ ଶିକ୍ଷାକୁ ଭୁଲି ପାଶ୍ଚାତ୍ୟ ଶିକ୍ଷାକୁ ଅନୁକରଣ କରିଥିଲେ ସେକଥା ବ୍ୟାସକବି ଫକିରମୋହନ ସେନାପତି ତାଙ୍କ କବିତା 'ମୁଁ ହାଟ ବାହୁଡ଼ା'ରେ ଲିପିବଦ୍ଧ କରିଛନ୍ତି । ଭାରତରେ ଗୁରୁକୁଳ ପ୍ରଥା ବନ୍ଦ ହେବା ପାଇଁ କେବଳ ବ୍ରିଟିସ ସରକାର ଦାୟୀ ନୁହନ୍ତି । ଖ୍ରୀଷ୍ଟାବ୍ଦ ତ୍ରୟୋଦଶ ଶତାବ୍ଦୀଠାରୁ ଲୋକମାନେ ଆସ୍ତେ ଆସ୍ତେ ଗୁରୁକୁଳ ବ୍ୟବସ୍ଥାଠାରୁ ଦୂରେଇ ଯିବାକୁ ଲାଗିଲେ । ବିଶେଷ କରି ଯେତେବେଳେ ହିନ୍ଦୁ ବା ସନାତନୀମାନେ ବେଦ ଉପନିଷଦଠାରୁ ଦୂରେଇଗଲେ, ଭାରତରେ ବୌଦ୍ଧ ଧର୍ମ, ଜୈନ ଧର୍ମ, ଶିଖ ଧର୍ମ ଆଦି ମୁଣ୍ଡ ଟେକିଲା । ବର୍ଣ୍ଣାଶ୍ରମଠାରୁ ଲୋକମାନେ ମନ ଫେରାଇବା ଆରମ୍ଭ କଲେ । ପରବର୍ତ୍ତୀ ଅବସ୍ଥାରେ ମୁସଲମାନ ଲୁଟେରା ଯଥା ବକ୍ତିଆର୍ ଖିଲଜି ୧୧୯୩ ଖ୍ରୀଷ୍ଟାବ୍ଦରେ ଭାରତ ଆକ୍ରମଣ ଓ ଭାରତର ନାଳନ୍ଦା ବିଶ୍ୱବିଦ୍ୟାଳୟ ଯେଉଁଠି ପୃଥିବୀର ବିଭିନ୍ନ ଦେଶର ଛାତ୍ରମାନେ ଅଧ୍ୟୟନ କରୁଥିଲେ ତାକୁ ପୋଡିଦିଆଯିବା ଘଟଣା ସମସ୍ତ ସନାତନୀଙ୍କ ଉପରେ ଏକ ଗଭୀର ପ୍ରଭାବ ପକେଇଥିଲା । ଏହା ପରେ ପରେ ବ୍ରିଟିଶ ଶାସନ ସମୟରେ ଏ ପ୍ରଥାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା ।

ଦେଶ ସ୍ୱାଧୀନ ହେବା ପରେ ପୁନର୍ବାର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇ ଗୁରୁକୂଳ ଡାଞ୍ଚାକୁ ଆପଣାଇବା କଥା । କିନ୍ତୁ ତାହା ହେଲାନାହିଁ ବରଂ ଆମ ଶିକ୍ଷା ବ୍ୟବସ୍ଥାରେ ଲୁଟେରାମାନଙ୍କ ମହିମା ମଣ୍ଡନ କରାଗଲା । ଭାରତୀୟ ସମ୍ବିଧାନର ଧାରା ୩୦(୧)ରେ ସଂଖ୍ୟାଲଘୁମାନଙ୍କୁ କେବଳ ଅଧିକାର ଦିଆଗଲା ଯେ ସେମାନେ ନିଜ ଇଛାରେ ବିଦ୍ୟାଳୟ ଖୋଲିପାରିବେ ଓ ନିଜର ଧର୍ମୀୟ ପୁସ୍ତକକୁ ପଢାଇପାରିବେ । ସେ ସୁବିଧା ସଂଖ୍ୟାବହୁଳମାନଙ୍କୁ ଦିଆଗଲା ନାହିଁ। ସନାତନୀମାନଙ୍କୁ ଆଧ୍ୟାତ୍ମିକ ଶିକ୍ଷାରୁ ବଞ୍ଚିତ ରଖିବା ପାଇଁ ଧର୍ମ ସମ୍ବନ୍ଧୀୟ ପାଠ୍ୟ ପୁସ୍ତକ ସରକାରୀ ଅନୁଦାନରେ ପଢା ଗଲାନାହିଁ। କିନ୍ତୁ ସଂଖ୍ୟାଲଘୁମାନଙ୍କୁ ମଦ୍ରସା ଖୋଲି ଧର୍ମ ଶିକ୍ଷାର ବ୍ୟବସ୍ଥା କରାଗଲା । ଏହାଥିଲା ଆମ ଶିକ୍ଷା ଓ ସଂସ୍କୃତିକୁ ଲୋପ କରିବାକୁ ଏକ ରୀତିମତ ଷଡ଼ଯନ୍ତ୍ର । ଐତିହାସିକମାନଙ୍କ ମତରେ ପ୍ରାଚୀନ କାଳରେ ଏପରିକି ଖ୍ରୀଷ୍ଟପୁର୍ବ ୫ ହଜାର ବର୍ଷ ବେଳକୁ ଭାରତ ଉପମହାଦେଶରେ ୭,୩୨,୦୦୦ ଗୁରୁକୁଳ ଥିଲା । ଏହା ଥିଲା ପୃଥିବୀର ସବୁଠାରୁ ପୁରାତନ ଶିକ୍ଷା ବ୍ୟବସ୍ଥା । ଏକ ବିଂଶ ଶତାବ୍ଦୀର ମଣିଷ ସେ ଗୁରୁକୁଳ ବ୍ୟବସ୍ଥାଠାରୁ ଅନେକ ଦୁରକୁ ଚାଲିଯାଇ ଅନୈତିକ ଉପାୟରେ ପ୍ରଚୁର ଅର୍ଥ ରୋଜଗାର କରିବା ଓ ଜୀବନକୁ ଉପଭୋଗ କରିବା ହିଁ ଜୀବନର ଆଦର୍ଶ ବୋଲି ଧରି ନେଇଛି । ଧର୍ମ ଆଧ୍ୟାତ୍ମିକତା ସଂସ୍କାର ଏସବୁ ତା' ନିକଟରେ ଆଜି ମୂଲ୍ୟହୀନ। ସେ ବା କାହିଁ ବୁଝିବ ଜୀବନରେ ଗୁରୁର କ'ଣ ଆବଶ୍ୟକତା ରହିଛି। ଶିକ୍ଷା ଦାନ ପାଇଁ ଯେଭଳି ଶିକ୍ଷକ ବା ଗୁରୁଙ୍କ ଆବଶ୍ୟକତା ଅଛି ଠିକ ସେଇଭଳି ଏହି ମାୟା ଜଗତକୁ ଓ ନିଜର ସୃଷ୍ଟି ରହସ୍ୟକୁ ଉନ୍ମୋଚନ କରିବା ପାଇ ଜଣେ ତତ୍ତ୍ୱଦର୍ଶୀ ଗୁରୁଙ୍କ ଆବଶ୍ୟକତା ରହିଛି । ଏ ସୃଷ୍ଟିର ସ୍ରଷ୍ଟା କିଏ ? ଆମକୁ କିଏ ସୃଷ୍ଟି କରିଛି ? ମୃତ୍ୟୁ ପରେ ଆମେ କୁଆଡେ ଯିବା ? ପୁନର୍ଜନ୍ମ ଅଛି କି ନାହିଁ ? ଈଶ୍ୱର ଅଛନ୍ତି କି ନାହିଁ ? କ'ଣ କଲେ ଆମେ ମୋକ୍ଷ ଲାଭ କରିବା ? ଇତ୍ୟାଦି ଜାଣିବା ପାଇଁ ଜଣେ ଗୁରୁଙ୍କ ଆବଶ୍ୟକତା ରହିଛି । ଭଗବାନ ଶ୍ରୀକୃଷ୍ଣ ସମସ୍ତ ବିଦ୍ୟା ଓ ଐଶ୍ୱର୍ଯ୍ୟର ଅଧିକାରୀ ଥାଇ ସନ୍ଦୀପନି ଋଷିଙ୍କୁ ନିଜର ଗୁରୁ କରିଥିଲେ ଓ ଭଗବତ୍ ଗୀତାରେ ନିଜର ସଖା ଅର୍ଜ୍ଜୁନ ଯେତେବେଳେ ଦ୍ୱନ୍ଦ୍ୱରେ ମହାଭାରତ ଯୁଧରେ ପଡିଥିଲେ ଓ ନିଜ ଲୋକଙ୍କ ସହିତ ଯୁଦ୍ଧ ନ କରିବାକୁ ସ୍ଥିର କରିଥିଲେ ସେହି ମୁହୂର୍ତ୍ତରେ କ'ଣ କରିବା ଉଚିତ ଓ କ'ଣ ଅନୁଚିତ ସେ ସମ୍ପର୍କୀୟ ଜ୍ଞାନ ପାଇଁ ତାଙ୍କୁ ଜଣେ ତତ୍ତ୍ୱଦର୍ଶୀ ଗୁରୁ କରିବାକୁ ଭଗବାନ ଭଗବଦ୍ ଗୀତାର ଚତୁର୍ଥ ଅଧ୍ୟାୟ ୩୪ ନମ୍ବର ଶ୍ଳୋକରେ ଉପଦେଶ ଦେଇଥିଲେ ଓ ଗୁରୁଙ୍କ ପାଖରୁ କିଭଳି ଜ୍ଞାନ ଲାଭ କରାଯାଇପାରିବ ତା'ର ଉପାୟ ଭଗବାନ ସେହି ଶ୍ଳୋକରେ ବର୍ଣ୍ଣନା କରିଛନ୍ତି । ଗୁରୁଙ୍କ ଠାରୁ ଜ୍ଞାନ ଆହରଣ କରିବାକୁ ହେଲେ ପ୍ରଥମେ ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ବିନୟ ବଚନ ମାଧ୍ୟମରେ ପ୍ରଶ୍ନ କରିବାକୁ ପଡିବ। ଗୁରୁ ଶିଷ୍ୟର ବ୍ୟବହାରରେ ସନ୍ତୁଷ୍ଟ ହେଲେ ସେ ଜ୍ଞାନ ବିତରଣ କରିବେ । ତତ୍ତ୍ୱଦର୍ଶୀ ଗୁରୁ କାହାକୁ କୁହାଯାଏ ସେ ସମ୍ପର୍କରେ ଜାଣିବା ନିହାତି ଆବଶ୍ୟକ । ତତ୍ତ୍ୱଦର୍ଶୀ ଗୁରୁ ସେଇମାନେ ଯେ ସତ୍ୟଦର୍ଶୀ ଓ ଜୀବନକୁ ଭଲ ଭାବେ ବୁଝିଛନ୍ତି । ଜୀବର ଜନ୍ମ ଓ ମୃତ୍ୟୁ ସେମାନଙ୍କ ପାଇଁ ସମାନ । ଜୀବର ମୃତ୍ୟୁରେ ସେମାନେ ବିଚଳିତ ହୁଅନ୍ତି ନାହିଁ । ଦୁଃଖ ଓ ସୁଖ ସେମାନଙ୍କ ପାଇଁ ଏକା କଥା ଓ ପ୍ରତ୍ୟେକ ଜୀବ ଏପରିକି ଜଡ ଓ ଚେତନ ଭିତରେ ଈଶ୍ୱରଙ୍କୁ ଦେଖିଥା'ନ୍ତି ଇତ୍ୟାଦି ।

ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଋଷି ବଶିଷ୍ଠଙ୍କୁ ମଧ୍ୟ ଗୁରୁ କରିଥିଲେ । ସାଧାରଣତଃ ଆମେ ଯା ପାଖରୁ କିଛି ଜ୍ଞାନ ଆହରଣ କରିଥାଉ ଆମେ ତାକୁ ଗୁରୁ ଭାବେ ମାନିଥାଉ । ଭାଗବତରେ ଅବଧୂତ ୨୪ ଗୁରୁ କରିଥିବା କଥା ଉଲ୍ଲେଖ ଅଛି । ଏପରିକି ସେ ବେଶ୍ୟା, ସମୁଦ୍ର, ଅଗ୍ନି, ମହୁମାଛି, ଅଜଗର ସାପଙ୍କୁ ଗୁରୁ କରିଥିଲେ, କାରଣ ସେ ସେମାନଙ୍କ ପାଖରୁ କିଛି ମୂଲ୍ୟବୋଧ ଭିତ୍ତିକ ଜ୍ଞାନ ପାଇଥିଲେ । ତେଣୁ ପ୍ରତ୍ୟେକ ମଣିଷ ଏହି ଭବସାଗରରୁ ଉତ୍ତୀର୍ଣ୍ଣ ହେବା ପାଇଁ ଈଶ୍ୱରୀୟ ଜ୍ଞାନ ବା ବ୍ରହ୍ମଜ୍ଞାନ ଜାଣିବା ନିହାତି ଆବଶ୍ୟକ । ଯେଉଁ ସାଧୁ ସନ୍ଥ, ମୁନି ଋଷିମାନେ ବର୍ଷ ବର୍ଷ ଧରି ଈଶ୍ୱରଙ୍କୁ ଜାଣିବା ପାଇଁ ନିଜର ଜୀବନକୁ ସମର୍ପିତ କରି ଐଶ୍ୱରୀୟ ଆନନ୍ଦ ଉପଲବ୍ଧି କରିଛନ୍ତି ସେଇମାନେ ହିଁ ପ୍ରକୃତ ତତ୍ତ୍ୱଦର୍ଶୀ ଗୁରୁ । ସେହି ମାନଙ୍କ ଆଶୀର୍ବାଦ ପାଇଲେ ମଣିଷ ଏହି ଭବାର୍ଣ୍ଣବରୁ ମୁକ୍ତି ପାଇପାରିବେ ଓ ସେହିମାନେ ହିଁ ବ୍ୟକ୍ତିର ପଥ ପ୍ରଦର୍ଶନ କରିପାରିବେ । ପ୍ରାଚୀନ ଗୁରୁକୁଳ ପରମ୍ପରା ଓ ଆଜିର ଶିକ୍ଷା ଭିତରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ଆଜିର ଶିକ୍ଷା କେବଳ ମଣିଷକୁ ସ୍ୱାବଲମ୍ବୀ ହୋଇ ଅର୍ଥ ଉପାର୍ଜନର କଳା ଶିକ୍ଷା ଦେଇଥିବାବେଳେ ଗୁରୁକୁଳ ଶିକ୍ଷା ବ୍ୟକ୍ତିର ସାମଗ୍ରୀକ ବିକାଶ ଯଥା–ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ କରିଥାଏ । ଫଳରେ, ବ୍ୟକ୍ତି ଶୃଙ୍ଖଳିତ, ନୀତିବାନ, ଭଦ୍ର, ସଞ୍ଜମି, ଚରିତ୍ରବାନ ହୋଇ ସମାଜରେ ଏକ ସୁସ୍ଥ ଓ ସହଂତ ଜୀବନଯାପନ କରେ । କିଛି ବ୍ୟକ୍ତିଙ୍କ ଧାରଣା ଗୁରୁକୁଳ ଶିକ୍ଷା ଲାଭ କରି ଜଣେ ବ୍ୟକ୍ତି ଭଲ ଡାକ୍ତର, ବୈଜ୍ଞାନିକ, ଆଇଏଏସ୍, ଆଇପିଏସ୍ ହୋଇପାରିବ ନାହିଁ । ଏହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା । କେରଳ ଗୋବିନ୍ଦ କୃଷ୍ଣ ଗୁରୁକୂଳରେ ଶିକ୍ଷାଲାଭ କରି ଇସ୍ରୋ ରିସର୍ଚ୍ଚ ସେଣ୍ଟରରେ ଜଣେ ବୈଜ୍ଞାନିକ ଭାବେ ଯୋଗ ଦେଇଛନ୍ତି । ତାଙ୍କ ମତରେ Spirituality & Science can walk together । ଅଜିର ସମାଜରେ ଗୁରୁ ଶିଷ୍ୟ ପରମ୍ପରାର ଅଧଃପତନ ଘଟିଛି । ଗୁରୁ ଓ ଛାତ୍ରୀ ଭିତରେ ଅନୈତିକ ସମ୍ପର୍କ ଗଢ଼ି ଉଠୁଛି । ଆଜି ଗୁରୁ ଛାତ୍ର ମାନଙ୍କୁ ଭୟ କରୁଛନ୍ତି । କିଛି ଟାଣ କଥା କହିଦେଲେ ଛାତ୍ରମାନେ ପ୍ରତିବାଦ କରୁଛନ୍ତି । ଭକ୍ତି, ଭଲପାଇବା ଆଦି ବହୁ ଦୂରକୁ ଚାଲିଯାଇଛି । ଜଣେ ଆଦର୍ଶ ସଂସ୍କାରି ଛାତ୍ର ତିଆରି ହେବା ପାଇଁ ଗୁରୁକୁଳର ଆବଶ୍ୟକତା ଅନୁଭବ କରାଯାଉଛି । ଆବଶ୍ୟକତାକୁ ଅନୁଭବ କରି ବହୁ ବୁଦ୍ଧିଜୀବି, ପଣ୍ଡିତ, ବିଦ୍ୱାନ ବ୍ୟକ୍ତିମାନେ ପ୍ରାଚୀନ ପରମ୍ପରାକୁ ଆପଣାଇବାକୁ ଯାଇ ଆଜି ଅନେକ ଗୁରୁକୂଳ ପ୍ରତିଷ୍ଠା କରି ବିଦ୍ୟାଦାନ କରୁଛନ୍ତି । ଗୋଟିଏ ପରିସଂଖ୍ୟାନରୁ ଜଣାଯାଏ, ୨୦୨୨ ସୁଦ୍ଧା ୪ ହଜାରରୁ ଅଧିକ ଗୁରୁକୂଳ ପ୍ରତିଷ୍ଠା ହୋଇସାରିଛି। ଖାଲି ଛାତ୍ରମାନଙ୍କ ନୈତିକ ସ୍ଖଳନ ହୋଇନାହିଁ; ଗୁରୁମାନଙ୍କ ମଧ୍ୟରେ ଅଧୋଗତି ଦେଖା ଦେଇଛି । ଏ ସମସ୍ୟାର ସମାଧାନ ପାଇଁ ଶିକ୍ଷାରେ ସରକାର ଆଧ୍ୟାତ୍ମିକ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେବା ଲକ୍ଷ୍ୟରେ ନୂଆ ଶିକ୍ଷା ନୀତି ପ୍ରଣୟନ କରିଛନ୍ତି । ଦେଖାଯାଉ ଏହି ନୀତିର ପ୍ରଭାବ ଛାତ୍ର ଓ ଛାତ୍ରୀମାନଙ୍କ ଉପରେ କେତେ ପ୍ରଭାବ ପକାଉଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୪୧

## ଶକୁନିଙ୍କ ଯୋଜନା ସଫଳ ହେଲା-୧



ନିତ୍ୟାନନ୍ଦ ପଣ୍ଡା



ବିଦୁରଙ୍କର ବିରସ ମୁହଁ ଦେଖି ଯୁଧିଷ୍ଠିର ପଚାରିଲେ, "ହସ୍ତିନାପୁରରେ କିଛି ଘଟିଛି କି? କାହିଁକି ତୁମ ମୁହଁ ମଳିନ ଦିଶୁଛି? ରାଜା ଓ ଆମ ଭାଇମାନଙ୍କର ସବୁ କୁଶଳ ତ!"

ବିଦୁର କହିଲେ, "ହଁ ସବୁ କୁଶଳ । ରାଜା ତୁମ ଭାଇମାନଙ୍କୁ ନିମନ୍ତ୍ରଣ କରିଛନ୍ତି । ହସ୍ତିନାପୁରରେ ଗୋଟେ ସୁନ୍ଦର ପ୍ରାସାଦ ନିର୍ମାଣ କରାଯାଇଛି । ଇନ୍ଦ୍ରପ୍ରସ୍ଥର ପ୍ରାସାଦ ଭଳି । ତୁମେ ଭାଇମାନେ ନୂଆ ପ୍ରାସାଦଟି ଦେଖିବ ଓ ପଶାଖେଳିବ । ରାଜାଙ୍କର ଦୂତ ଭାବେ ମୁଁ ଆସିଛି ।"

ଯୁଧିଷ୍ଠିରଙ୍କ ମନକୁ ସନ୍ଦେହ ଆସିଲା । ସେ କହିଲେ, "ବାଜି ରଖି ପଶାଖେଳିବା ଦ୍ୱାରା କ୍ଷତ୍ରିୟମାନଙ୍କ ମଧ୍ୟରେ କଳହ ସୃଷ୍ଟିହୁଏ । କଳହରୁ ରକ୍ଷା ପାଇବା ପାଇଁ ଜଣେ ପଶାଖେଳକୁ ଏଡେଇଯିବା ଉଚିତ୍ । ମୁଁ ଏବେ କରିବି କ'ଣ ! ମହାରାଜଙ୍କ ନିମନ୍ତ୍ରଣକୁ ଗ୍ରହଣ କରିବି ନା ଏଡେଇଯିବି ?"

ବିଦୁର କହିଲେ, "ମୋର ପରାମର୍ଶ ବର୍ତ୍ତମାନ ଅର୍ଥହୀନ । ସମସ୍ତେ ଜାଣୁଛନ୍ତି, ପଶାଖେଳ କଳହ ସୃଷ୍ଟିକରେ । ତଥାପି ମଣିଷ ଖେଳୁଛି । ମୁଁ ବହୁତକରି କହିଲି ପଶାଖେଳରେ ନପଶିବା ପାଇଁ । କିନ୍ତୁ ମୋ କଥା ରହିଲା ନାହିଁ । ରାଜା ଆଦେଶ ଦେଲେ, ଯାଅ ନିମନ୍ତ୍ରଣ ଜଣାଅ । ଏପରି ପରିସ୍ଥିତିରେ ମୁଁ କି ଉପଦେଶ ଦେବି ! ତୁମକୁ ଯାହା ଭଲ ଦିଶୁଛି କର ।"

ବିଦୁର ଭାବିଥିଲେ, ସେ ଯାହା କହିଲେ ଯୁଧିଷ୍ଠିର ତାକୁ ତର୍ଜମା କରିବେ ଓ ନିମନ୍ତ୍ରଣ ରକ୍ଷାକରିବେନାହିଁ । କିନ୍ତୁ ତାହା ହେଲାନାହିଁ । ସେ ନିମନ୍ତ୍ରଣ ଗ୍ରହଣ କଲେ ଓ ଭାଇ ଏବଂ ପାରିଷଦଙ୍କ ସହ ହସ୍ତିନାପୁର ଚାଲିଲେ ।

ଏଠାରେ ପ୍ରଶ୍ନ ଉଠିପାରେ, ଯୁଧିଷ୍ଠିର ଜାଣିଥିଲେ ମଧ୍ୟ ଏପରି ଭୁଲ କଲେ କିପରି ! ଏ ପ୍ରଶ୍ନର ତିନୋଟି ସମ୍ଭାବ୍ୟ ଉତ୍ତର ।

୧)ପଶାଖେଳ ପ୍ରତି ଯୁଧିଷ୍ଠିରଙ୍କର ଅସମ୍ଭବ ଦୁର୍ବଳତା ଥିଲା ।

୨) କ୍ଷତ୍ରିୟଙ୍କର ଧର୍ମହେଲା କୌଣସି ନିମନ୍ତ୍ରଣକୁ ଗ୍ରହଣ କରିବା । ନିମନ୍ତ୍ରଣକୁ ଗ୍ରହଣ ନକରିବା ଅତ୍ୟନ୍ତ ଅଭଦ୍ରାମି ।

୩) ବ୍ୟାସଦେବଙ୍କ ଭବିଷ୍ୟବାଣୀ ଅନୁସାରେ ଯୁଧିଷ୍ଠିର ଶପଥ କରିଥିଲେ, କୌରବ ଭାଇମାନେ ଅସନ୍ତୁଷ୍ଟ ହେଲା ଭଳି କୌଣସି କାର୍ଯ୍ୟ କରିବେ ନାହିଁ । ସେ ଭାବିଲେ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କଲେ କୌରବ ଭାଇମାନେ ଅସନ୍ତୁଷ୍ଟ ହେବେ । ଅସନ୍ତୋଷରୁ ଜନ୍ମନେବ କଳହ ।

ସେ ଯାହାହେଉ, ଯୁଧିଷ୍ଠିର ଓ ତାଙ୍କର ସହଚର ପ୍ରଥମ ଦିନ ବିଶ୍ରାମ ନେଲେ । ପରଦିନ ସକାଳେ ଯାଇଁ ପହଞ୍ଚିଲେ ନୂତନ ପ୍ରାସାଦରେ ଯେଉଁଠି ପଶାଖେଳ ହେବାର ଥାଏ ।

ଯୁଧିଷ୍ଠିର ପହଞ୍ଚିବା ପରେ ପରେ, ଶକୁନି ପାଣ୍ଡବ ଭାଇମାନଙ୍କୁ ଅଭ୍ୟର୍ଥନା ଜଣେଇଲେ । ତା'ପରେ କହିଲେ - ହେ ରାଜା ! ପଶାଖେଳ ପାଇଁ ଦରି ବିଛା ସରିଲାଣି । ଆସିବା ହୁଅନ୍ତୁ ।

ଯୁଧିଷ୍ଠିର କହିଲେ- ହେ ରାଜା ! ଜୁଆ ଖେଳର ପରିଣତି ସବୁବେଳେ ଖରାପ । ସେଇ ଖେଳ ଦ୍ୱାରା ଜଣେ ବ୍ୟକ୍ତିର ବୀରତ୍ୱ ଜଣାପଡ଼େନା । ଅନେକ ମୁନିଋଷି ଜୁଆଖେଳକୁ ଏଡେଇଯିବା ପାଇଁ କହିଛନ୍ତି । କ୍ଷତ୍ରିୟଙ୍କ ପକ୍ଷେ ଯୁଦ୍ଧ ହେଉଛି ବୀରତ୍ୱ ପ୍ରଦର୍ଶନର କ୍ଷେତ୍ର । ପଶାଖେଳ ନୁହଁ ।

ଚତୁର ଶକୁନି କହିଲେ, "ଖେଳର ଦୋଷ କ'ଣ ? ଆଉ ଯୁଦ୍ଧର ଅର୍ଥ କ'ଣ ? ବେଦ ଉପରେ ଏକ ତର୍କ ସଭାକୁ ଆମେ କେଉଁ ଦୃଷ୍ଟିରେ ଦେଖିବା ? ସବୁକାଳରେ ଜ୍ଞାନୀ ମଣିଷ ଅଜ୍ଞ ଉପରେ ବିଜୟ ଲାଭ କରେ । ସେହିପରି ଉତ୍ତମ କିମ୍ବା ଯୋଗ୍ୟ ବ୍ୟକ୍ତି ସବୁ କ୍ଷେତ୍ରରେ ବିଜୟ ଲାଭ କରେ । ଏହା କେବଳ ବୀରତ୍ୱ କିମ୍ବା କଳାକୌଶଳର ପରୀକ୍ଷା ମାତ୍ର । କୌଣସିଟି ଆଦୌ ଖରାପ ନୁହଁ । ତୁମେ ଯଦି ଖେଳିବାକୁ ନଚାହୁଁଚ ନଖେଳ, କିନ୍ତୁ ଭଲ ଖରାପର ଆଳ ଦେଖାଅ ନାହିଁ ।"

ଶକୁନିଙ୍କ କଥା ଅବଶ୍ୟ ତର୍କସଙ୍ଗତ ଥିଲା ।

ସେହିପରି ଯୁଧିଷ୍ଠିର ଭାବିଲେ ବୋଧେ, ହଠାତ୍ କହିଉଠିଲେ- ମୋ ସହ କିଏ ଖେଳିବ ?

ଦୁର୍ଯ୍ୟୋଧନ କହିଲେ- ମୋ ତରଫରୁ ମାମୁ ଶକୁନି ପଶାଖେଳିବେ । ମୋର ଦାୟିତ୍ୱ ହେଉଛି, ଖେଳରେ କି କି ବାଜି ରହିବ ଠିକ୍ କରିବା ।

ଯୁଧିଷ୍ଠିର ଭାବିଥିଲେ, ଦୁର୍ଯ୍ୟୋଧନ ତାଙ୍କ ସହ ଖେଳିବେ । କିନ୍ତୁ ଶକୁନି ? ସେ ଯେ ଜଣେ କୁଶଳୀ ଖେଳାଳୀ ।

ସେ ଦ୍ୱିଧା ପ୍ରକାଶ କଲେ, "ଏକଥା ମୁଁ କେଉଁଠି ଦେଖିନାହିଁ । ଜଣକ ପାଇଁ ଆଉ ଜଣେ ଖେଳିବ କେମିତି ?"

ଏଥର ଶକୁନିଙ୍କର ସ୍ୱର ଟାଣ ଶୁଭିଲା । ସେ କହିଲେ, "ଦୁଇ ପକ୍ଷ ମଧ୍ୟରେ ଖେଳ ହେଉଛି । ତୁମ ପକ୍ଷରୁ ତୁମେ ନଖେଳି ଆଉ ଜଣେ ଖେଳିପାରେ । ସେହିପରି ଦୁର୍ଯ୍ୟୋଧନ ପକ୍ଷରୁ ଖେଳିବି ମୁଁ । କ'ଣ ଭୁଲ ରହିଲା ଏଥିରେ ?"

"ଠିକ୍ ଅଛି । ମୁଁ ଖେଳିବି ।" - କହିଲେ ଯୁଧିଷ୍ଠିର ।

ସେଠାରେ ଉପସ୍ଥିତ ଥିଲେ ଦ୍ରୋଣ, ଧୃତରାଷ୍ଟ୍ର, କୃପାଚାର୍ଯ୍ୟ, ଭୀଷ୍ମ ଓ ବିଦୁର । ସେମାନେ ଅସୁଖୀ ଜଣାପଡୁଥିଲେ । ସମସ୍ତେ ଜାଣିଥିଲେ, ଏହି ଖେଳର ପରିଣତି ଭଲ ହେବନାହିଁ । ସେମାନଙ୍କ ମନରେ ଦୁଃଖ ଅପ୍ରମିତ, ଯେହେତୁ ସେମାନେ ଖେଳ ବନ୍ଦ କରିପାରିଲେ ନାହିଁ ।

ପ୍ରଥମେ ବାଜିରହିଲା ସମସ୍ତ ଅଳଙ୍କାର । ଏବଂ ଖେଳ ଆରମ୍ଭ ହେଲା । ମାତ୍ର କେତୋଟି ଚାଲ୍ ପରେ ଯୁଧିଷ୍ଠିର ହାରିଗଲେ । ତା'ପରେ ଏହି କ୍ରମରେ ବାଜି ରହିଲା । ସୁନା ରୂପା, ରଥ ଓ ଅଶ୍ୱ .....

ଆହାଃ ! କ୍ରମାଗତ ଭାବେ ଯୁଧିଷ୍ଠିର ହାରିଚାଲିଲେ । ଜଣାପଡୁଥିଲା, ସତେକି ଶକୁନିଙ୍କ ଇଚ୍ଛା ଅନୁସାରେ ଦାନ ପଡୁଛି । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୦୮*

# ବାଲୁତ ବୀରର ଗାଥା

*ସତ୍ୟନାରାୟଣ ପ୍ରଧାନ*



ବାର ବରଷର ସାହସୀ ବାଳକ
ଜଗି ବସିଥିଲା ଘାଟ
ନଦୀ ଆରପଟେ ଗୋରା ସରକାର
ଅଚାନକ ହେଲେ ଭେଟ ।।
ରାଇଜକୁ ଆମ କରିବେ ଦଖଲ
ପଡିଥିଲା ତାକୁ ଜଣା
ଉପାୟ ଜୁଟିଲା ମୁଣ୍ଡକୁ ତାହାର
କରିବାକୁ ବାଟ ବଣା ।।

ମନା କରିଦେଲା କରିବାକୁ ପାର
ମାଟି ମାଆ ଥିଲା ବଡ଼
ଛାତିରେ ବାଜିଲା ବନ୍ଧୁକର ଗୁଳି
ଭାଙ୍ଗିଲା ପଞ୍ଜରା ହାଡ଼ ।।
କରିଗଲା ଧନ୍ୟ ଓଡିଶା ମାଟିକୁ
ଜୀବନକୁ କରି ଲୀନ

ପ୍ରତିଟି ଓଡ଼ିଆ ହୃଦୟ ଭିତରେ
ରହିଗଲ ସବୁ ଦିନ ।।
ଦେଶ ପ୍ରେମ ବହ୍ନି କରିଲା ଅମର
କହେ ସ୍ୱାଧୀନତା କଥା
ଜାତି ଇତିହାସ ହେଉଥିବ ଗୁଣି
ବାଲୁତ ବୀରର ଗାଥା ।।

*ଅଣ୍ଡିଆ, ଜେନାପୁର, ଯାଜପୁର*
*ମୋ-୯୧୭୮୩୧୩୬୪୪*

# ଭାରତ ପାଳେ ଗୁରୁ ପୂର୍ଣ୍ଣିମା

*ମହେନ୍ଦ୍ର କୁମାର ଘଡ଼େଇ*



ସୂରୁଯଦେବ ଦକ୍ଷିଣ ଗତି
ପହିଲି ପୂର୍ଣ୍ଣ ଶଶି
ଦେଖି ଭାରତ ଗୁରୁପୂର୍ଣ୍ଣିମା
ପାଳଇ ହୋଇ ଖୁସି ।
ମନର ଶୂନ୍ୟ ମନ୍ଦିରେ ଗୁରୁ
ପୂଜେ କଳନା କରି
ବ୍ୟାସଦେବର ଚିତ୍ତ ଚରିତ
ପରାଏ ଚଳେ ଧରି ।
ବିନା ଗୁରୁରେ ମହୀଚଳନ
ହୋଇବା ଦେଖି ନାହୁଁ
ତାଙ୍କ ଆଶିଷ ବିନା ସୁଫଳ
ପାଇନି କେହି କାହୁଁ ।
ନଇଁଲା ଗଛ ବହୁତ ଫଳେ
ନରମ ମିଠା କଥା

ଗୁରୁ ଆଶିଷେ ତହିଁରୁ ମିଠା
ଫଳ ଛୁଅଇଁ ମଥା ।
ପୂଜିଲେ ମାତା ପିତା ଗୁରୁଜୀ
ମନ ପରାଣ ଦେଇ
ସପନ ସିଢ଼ି ଚଢ଼ି ତୋଳିବା
ପାଚିଲା ଫଳ ଯାଇ ।
ଗୋମାତା ମାଟି ଅସଲ ଗୁରୁ
ଅମୂଲ ତାଙ୍କ ଦାନ
ତାଙ୍କ ସେବାରେ ପରାଣ ଥିଲେ
ବଢ଼େ ମହତମାନ ।
ସାଥୀ ମେଳରେ ହସ ଖୁସିରେ
କରିବା ଗୁରୁ ପୂଜା
ଦେଶ ଗଢ଼ିବା କାମେ ଉଡ଼ାଇ
ଦେବା ବିଜୟ ଧ୍ୱଜା ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ଗୁରୁ ପୂର୍ଣ୍ଣିମା

*ନୀଳମଣି ଚାନ୍ଦ*

ଗୁରୁ, ଗୁରୁଜୀ, ଶିକ୍ଷକ
ସମାଜର ସେ କରନ୍ତି ହିତ
ସଦା ହୋଇଟି ରକ୍ଷକ ।

ଆସେ ଆଷାଢ଼ ପୂର୍ଣ୍ଣମୀ
ଗୁରୁ ପୂର୍ଣ୍ଣିମା ଭାବେ ସେ ଜଣା
ବ୍ୟାସ ତ ଥିଲେ ଜନମି ।

ସିଏ ତ ଶ୍ରେଷ୍ଠ ଗୁରୁରେ
ଅଷ୍ଟାଦଶ ପୁରାଣ ସ୍ରଷ୍ଟା
କରୁ ନମନ ଦୂରୁରେ ।

'ଗୀତା' ରଚନା କରିଲେ
ତାଙ୍କରି ଜ୍ଞାନ ହୁଅଇ ଜଣା
ଶାସ୍ତ୍ର ପୁରାଣ ଧରିଲେ ।

ପାଞ୍ଚ ସେପ୍ଟେମ୍ବରରେ
ପାଳିତ ହୁଏ ଗୁରୁଦିବସ
ସ୍ୱାତନ୍ତ୍ୟ ଅଛି ତା'ରରେ ।

ହେଲେ ଏ ଗୁରୁ ପୂର୍ଣ୍ଣିମା
ଅଜାଙ୍କ ଠାରୁ ବୁଝି ଜାଣିଲା
ହସିଲା ଫିକ୍ ଅନିମା ।

*ମନ୍ତ୍ର ମାନୋର,ଗୋଠପାଟଣା*
*ମୋ-୯୫୮୩୨୦୨୩୫୭*



# ରତନ ବେଦୀରେ କାଳିଆ ରାଜା

*ପ୍ରଫୁଲ୍ଲ କୁମାର ସାହୁ*



ପହଣ୍ଡି ହୋଇ,
ସେବାୟତ ମେଳେ ଝୁଲି ଝୁଲି ଦେଖ
ରଥରୁ ଯାଆନ୍ତି କାଳିଆ ସାଇଁ ।

ତାଙ୍କ ସାଥିରେ,
ଆଗରେ ଯାଆନ୍ତି ଭାଇ ବଳଦେବ
ସୁଭଦ୍ରା ଭଉଣୀ ରହି ମଝିରେ ।

ବାଣ ଫୁଟାଇ,
ସେବାୟତ ଭାଇ ବନାଟି ଖେଳନ୍ତି
ଘଣ୍ଟ, ଘଣ୍ଟି, ଝାଞ୍ଜ ବାଜା ବଜାଇ ।

ସିଂହ ଦ୍ୱାରରେ,
ମା' ମହାଲକ୍ଷ୍ମୀଙ୍କୁ ରସଗୋଲା ଖୋଇ
ମାନ ଭାଙ୍ଗି ପ୍ରଭୁ ଯିବେ ପଛରେ ।

ବାଜୁଛି ବାଜା,
ଘୋଷ ଯାତ ପରେ ରତନ ବେଦୀରେ
ବିଜେ ହେବେ ଆଜି କାଳିଆ ରାଜା ।

ବାଜେ କାହାଳୀ,
ହରିବୋଲ ହୁଳହୁଳି ଶବଦରେ
ଚଉଦିଗ ଦେଖ ପଡ଼େ ଉଛୁଳି ।

ଶିରୀ ମନ୍ଦିର,
ହସି ଉଠେ ଆଜି ଘୋଷ ଯାତ ପରେ
(ଦେଖି) ରତନ ବେଦୀରେ ତିନି ଠାକୁର ।

*ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଶକ୍ତି ବିହାର /ବାଲିପଡ଼ା, ମାହାଙ୍ଗା, କଟକ*
*ମୋ- ୭୬୦୯୦୪୪୩୮୩*

# ଜୁଲାଇ ମାସର ପର୍ବପର୍ବାଣୀ

*ନିରଞ୍ଜନ ସାହୁ*

ଜୁଲାଇ ମାସରେ ଅନେକ ପରବ
ପ୍ରତିବର୍ଷ ପଡିଥାଏ
ତନ୍ମଧ୍ୟରୁ କିଛି ମୁଖ୍ୟପର୍ବ ଏହି
କବିତାରେ ଲେଖାଯାଏ ।
ହେରା ପଞ୍ଚମୀରେ ଲକ୍ଷ୍ମୀ ମା' ଭାଙ୍ଗିବେ
ନନ୍ଦିଘୋଷ ରଥ କାଠ
ବାହୁଡ଼ା ଯାତ୍ରାରେ ରଥ ବାହୁଡ଼ିବ
ଘୋଷଯାତରାର ପାଠ
ଶ୍ରୀଜୀଉମାନଙ୍କ ସୁନାବେଶ ହେଲେ
ଆହା କେଡେ ଶୋଭାପାଏ ।
ଅଧରପଣା ଯେ ସରିଗଲା ପରେ
ନୀଳାଦ୍ରିବିଜୟ ହେବ

ଗୁରୁ ପୂର୍ଣ୍ଣିମାରେ ବ୍ୟାସଦେବ ଜନ୍ମ
ଗୁରୁପ୍ରତି ଲୟ ଦେବ
କର୍କଟ ସଂକ୍ରାନ୍ତି ଉତ୍ତରାୟଣର
ଶେଷ ହେବା କଥା ଗାଏ ।
ଚିତାଲାଗି ଅମାବାସ୍ୟାରେ ଶ୍ରୀଜୀଉ
ନାଇବେ ସୁବର୍ଣ୍ଣ ଚିତା
ଜାଗ୍ରତଗଉରୀ ବ୍ରତ ପାଳୁଥିବ
ହୋଇବ ଜଗତଜିତା
ପରବ ପର୍ବାଣୀ ପାଳନେ ଭକତ
ସାତ୍ତ୍ୱିକ ଆହାର ଖାଏ ।

*ନିହଲପ୍ରସାଦ,ଗଁଡିଆପାଟଣା,ଢେଙ୍କାନାଳ*
*ମୋ- ୯୯୩୮୭୪୧୫୮୩*

# ଜଙ୍ଗଲ ହେଉଛି ନଷ୍ଟ

*ଜୟନ୍ତ କୁମାର ମଲ୍ଲିକ*





ପ୍ରଗତି ନାଆଁରେ ମାଇଲ୍ ମାଇଲ୍
ଜଙ୍ଗଲ ହେଉଛି ନଷ୍ଟ
ଖରାଦିନେ ଟିକେ ଛାଇ ମିଳୁନାହିଁ
ଲାଗୁଅଛି ଭାରି କଷ୍ଟ ।
ବିଜ୍ଞାନୀ ମଣିଷ ସାଜିଣ ଅଜ୍ଞାନ
ନବିଚାରି ଆଗପଛ -
ରାସ୍ତାକୁ ଚଉଡ଼ା କରିବା ନିମନ୍ତେ
କାଟଇ ବିଶାଳ ଗଛ ।

ଅସମ୍ଭବ ଭାବେ ବଢୁଛି ଉତ୍ତାପ
ଦୂଷିତ ହେଉଛି ବାୟୁ -
ଶୁଦ୍ଧ ଅମ୍ଳଜାନ ମିଳୁନାହିଁ ଆଉ
କମୁଛି ସେଲାଗି ଆୟୁ ।
ସାଜି ଭସ୍ମାସୁର ଏବେକାର ନର
ନିଜକୁ ବିନାଶ କରେ
ଅମୃତ ସୃଷ୍ଟିରେ ଜାଣି ଜାଣି ସେତ
ହଳାହଳ ବିଷ ଭରେ ।

*ଶୂରଡିହ, ନନ୍ଦିପୁର, ଦଶରଥପୁର ଯାଜପୁର, ଓଡ଼ିଶା*
*ମୋ-୯୪୩୭୮୬୫୭୨୭*

# ଝୁମୁରୀ ଗାଉଛି ବରଷା ଗୀତ

*ନଳିନୀ ଦାଶ*

ଝୁମୁରୀ ଗାଉଛି ବରଷା ଗୀତ
ବରଷା ଅଟଇ ପରମ ମିତ
ଆମ ଉପକାର କରେ
ଆକାଶରେ କଳାବଉଦ ଭାସିଲେ
ଧରାରେ ବରଷା ଝରେ ।
ଫୁଟିଲାଣି ଜୁଇ ଜାଇ ରଙ୍ଗଣୀ
କଦମ୍ବ ଫୁଲରେ ହସେ ଧରଣୀ
ଫୁଲ ଫଳେ ଯାଏ ଭରି
ପ୍ରକୃତି ଦିଶୁଛି କେଡ଼େ ଶୋଭାମୟ
ବରଷା ଗଲେଟି ଝରି ।
ପକ୍ଷୀ କାଠି କୁଟା ଗୋଟେଇ ଆଣି
ଗଛଡ଼ାଳେ ବସା ବାନ୍ଧି ଦେଲେଣି
ଶୀତଳ ପବନ ବହେ
ବରଷା ପାଣିରେ ଡଙ୍ଗା ଭସେଇବ
କୁନା ତ ଜେଜେଙ୍କୁ କହେ ।
ଚାଷୀଭାଇ ଚାଷ କଲାଣି କ୍ଷେତ
ଗାଉଛି ଖୁସିରେ ହଳୁଆ ଗୀତ
ହଳ ଲଙ୍ଗଳକୁ ନେଇ
ଆମର ଉଦର ଭରିଥାଏ ସିଏ
ମାଟି ସାଥେ ମାଟି ହୋଇ ।
ଦୁଇକୂଳ ଖାଇ ବହୁଛି ନଈ
ବେଙ୍ଗରାଣୀ ଗୀତ ଦେଉଛି ଗାଇ
ବରଷା ଗଲେଟି ଝରି
ସାଧବବୋହୂଟି ନାଲି ଶାଢ଼ି ପିନ୍ଧି
ଚାଲିଥାଏ ଥିରିଥିରି ।
କଳାମେଘ ଦେଖି ଶିଖି ନାଚଇ
ବଣମୂଳକରେ ପୁଚ୍ଛ ମେଲେଇ
ଧରଣୀ ମାତା ମୋ ହସେ
ବରଷା ପରଶେ ସାରା ମୂଳକଟା
ସବୁଜ ସୁନ୍ଦର ଦିଶେ ।

*ଭିକାରିପଡ଼ା ଶରଣକୁଳ, ନୟାଗଡ*
*ମୋ-୯୨୩୮୯୯୬୬୪୯*



# ବନ ମହୋତ୍ସବ

*କବି କାଳୀ ଦାସ*



ବନ ସାଥିରେ ଯୋଡ଼ି
ହୋଇଛି ଆମର ଜୀବନ
ଆମର ସଂସ୍କୃତି ପୁଣି
ଆମର ପୁରାଣ
ରାଜ ପାଟ ଛାଡି
ବନବାସୀ ହେଲେ ପ୍ରଭୁ ଶ୍ରୀ ରାମ
ପ୍ରଭୁରାମଙ୍କ ଜୀବନ
ମର୍ଯ୍ୟାଦାରେ ପୂର୍ଣ୍ଣ
ଶ୍ରୀକୃଷ୍ଣ ବନରେ କୁଳି
ହେଲେ ବନ ମାଳି
ପଞ୍ଚୁ ପାଣ୍ଡାବଙ୍କୁ ବନବାସ ହେଇ
କୌରବ ହୋଇ କଲେ ପାଣ୍ଡବଙ୍କ ବଇରୀ
ଋଷି ମୁନି ଅହରହ
ବନରେ ରୁହନ୍ତି

ବନରେ ତପସ୍ୟା କରି
ଦିବ୍ୟ ଜ୍ଞାନକୁ ପାଆନ୍ତି
'ବନ ମହୋତ୍ସବ'ର ମହାନ
ଯେ ବାର୍ତ୍ତା
ବନ ସୃଷ୍ଟି କରିବା ଓ
ବନକୁ ବଞ୍ଚାଇବା
କାଟିବାକୁ ଦେବନାହିଁ ଅହରହ
ଆମେ ଆଉଗଛ
ବନ ସୃଷ୍ଟି କରି
ପରିବେଶକୁ କରିବା ଯେ ସ୍ୱଚ୍ଛ
ବନ ସାଥିରେ ଯୋଡ଼ି ଅଛି
ଆମର ଜୀବନ
ଆମର ସଂସ୍କୃତି
ପୁଣି ଆମର ପୁରାଣ ।

*ବ୍ରହ୍ମପୁର, ଖୋଡାସିଂଗି କଳିଙ୍ଗନଗର, ଗଞ୍ଜାମ*
*ମୋ-୭୨୦୫୧୦୦୮୩୯*

# ଆସି ଗଲା ଏବେ ବରଷା ଦିନ

*କୀର୍ତ୍ତନ ସାହୁ*



ଆସି ଗଲା ଏବେ ବରଷା ଦିନ
ପାଣିରେ ଏଥର ଖେଳବେ ମୀନ
ବାଟ ଘାଟ ଚପଚପ
ବରଷା ପାଣିରେ ଭିଜିବା ନାହିଁରେ
ହୋଇପାରେ ଜର କମ୍ପ ।


ବରଷା ଦିନରେ ବୁଲିବା ନାହିଁ
ଦାଣ୍ଡରେ ବାଡ଼ିରେ ଖେଳିବା ନାହିଁ
ଭିଜି ଯିବ ଦେହ ମୁଣ୍ଡ
ଦେହ ଖରାପରେ ପଡ଼ିଲେ ଆମେରେ
କା ଆଗେ ଖୋଲିବା ତୁଣ୍ଡ ।

କୂଅ ପୋଖରୀରେ ଭରିବ ଜଳ
ନଈ ପାଣି ବଢ଼ି ବଢିବ ବଳ
ଚଳିବା ସତର୍କ ହୋଇ
ବରଷାର ମାତ୍ରା ଅଧିକ ହୋଇଲେ
ରାସ୍ତା ଘାଟ ନେବ ଧୋଇ ।

ଜହ୍ନି ଫୁଲ ବାଡି ବାଡ଼ିରେ ଫୁଟେ
ତା ସାଙ୍ଗରେ କିଆ କେତକୀ ଜୁଟେ
ଶୋଭା କେଡ଼େ ବଢ଼ି ଯାଏ
ବାଟେ ଘାଟେ ଚାଲି ଯାଉଥିବା ଲୋକ
କେତେ ଯେ ଆନନ୍ଦ ପାଏ ।

ଛତା ବରଷାତି ସାଙ୍ଗରେ ନେବା
ମେଘ ବରଷାକୁ ଧ୍ୟାନଟି ଦେବା
ବିଦ୍ୟାଳୟ ଯେବେ ଯାଉଁ
ସତର୍କ ହୋଇକି ଚଳି ଶିଖି ଥିଲେ
ଆଦର ହିଁ ପାଇ ଥାଉଁ ।

*ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂର ଭାଷ- ୯୪୩୮୪୧୪୭୦୧*



# ବାପା ମାଆ ମୋର ଚଳନ୍ତି ଠାକୁର

*ସୁଜିତ କୁମାର ମିଶ୍ର*

ବାପା ମାଆ ମୋର ଚଳନ୍ତି ଠାକୁର
ପୂଜିବି ତାଙ୍କୁ ମୁଁ ନିତି,
ମୋ ଜୀବନ ପଥେ ଆଲୋକ ଦୁହେଁ ସେ
ଜୀଇଁବାର ଦୁଇ ସାଥୀ ।

ଜନମ ନେଲି ମୁଁ ଆଶିଷରୁ ତାଙ୍କ
ବଢ଼ିଲି ଅମୃତ କୋଳେ,
ଅଜାଡିଲେ ସୁଖ ସାରା ସଂସାରର
ରହି ଘୋର ଅଭାବରେ ।

ପାଦରେ ମୋହର ମଡାଇ ନାହାନ୍ତି
କଷଣର କଣ୍ଟାଟିଏ
ଜଗିରହିଥାନ୍ତି ଜଗୁଆଳି ସମ
ତାଙ୍କ ପରି ହେବ କିଏ ?

କାନ୍ଧରେ ବସେଇ ବାପା ଯେ ବୁଲାନ୍ତି
ମାଆ କରି ପଛନାଉ,
ମଝିରେ ମଝିରେ କୋମଳ ଡାକରେ
ଝରୁଥାଏ ସ୍ନେହମହୁ ।

ବାପା ନାଲି ଆଖି ଦେଖାଇ ଆକଟ
କରୁଥାନ୍ତି ବେଳେବେଳେ,
ମାଆ ଯେ କ୍ଷମାର ଅମୃତ ସାଗର
କରୁଣାରେ କାଳେକାଳେ ।

ବାପା ମାଆଙ୍କଠୁ ବଡ ବଇଦ ଯେ
ସଂସାରରେ କେହି ନାହିଁ,
କୋମଳ ହାତର ଆଉଁସାରେ ତାଙ୍କ
ରୋଗ ଯାଏ ଦୂର ହୋଇ ।

ଅନ୍ତର ମନରୁ ଜଣାଉଛି ମୁହିଁ
ଭକତି ପ୍ରଣତି ଘେନ,
ଚିରକାଳ ପାଇଁ ବାପା ମାଆ ମୋର
ହୁଅନ୍ତୁ ହୃଦ ସ୍ପନ୍ଦନ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*





## ୩୫ତମ ଡ୍ୟାସ୍‌ବୋର୍ଡ ସମୀକ୍ଷା

# ସ୍ମାର୍ଟ ଗଭର୍ଣ୍ଣାନ୍ସ - ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୫ତମ ଡ୍ୟାସ୍‌ବୋର୍ଡ ସମୀକ୍ଷା ବୈଠକ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନାଗରିକ-କୈନ୍ଦ୍ରିକ ଶାସନ ଉପରେ ଗୁରୁତ୍ୱ ସହିତ ମୁଖ୍ୟ ସହରାଞ୍ଚଳ ବିକାଶ ପଦକ୍ଷେପ ଗୁଡ଼ିକରେ ପ୍ରଗତିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।



ସେହିପରି ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର ଯାହାକୁ ଅଭିଯୋଗ ସମାଧାନ, ବାସ୍ତବ-ସମୟ ସହରାଞ୍ଚଳ ତଦାରଖ ଏବଂ ବିଭାଗଗୁଡ଼ିକ ମଧ୍ୟରେ ସୁଗମ ସମନ୍ୱୟ ପାଇଁ ସ୍ନାୟୁ କେନ୍ଦ୍ର ଭାବରେ ଅବସ୍ଥାପିତ କରାଯାଉଛି। ନାଗରିକଙ୍କ ଆବଶ୍ୟକତା ପ୍ରତି ପ୍ରତିକ୍ରିୟାଶୀଳତା ବୃଦ୍ଧି କରିବା ପାଇଁ ଆଇସିସିସିର କାର୍ଯ୍ୟକୁ ଆହୁରି ସୁଗମ କରିବାର ଆବଶ୍ୟକତା ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ବିଭିନ୍ନ ସହରାଞ୍ଚଳ ଯୋଜନା ଅଧୀନରେ ବଜେଟ୍ ବ୍ୟବହାରର ସମୀକ୍ଷା, ସମୟୋଚିତ କାର୍ଯ୍ୟାନ୍ୱୟନ ଏବଂ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ପାଣ୍ଠି ବିନିଯୋଗକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରାଞ୍ଚଳ ପରିମଳ, ଜଳ ଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜିଟାଲ୍ ସେବା ପ୍ରଦାନ ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା। ସାମ୍ପ୍ରତିକ କ୍ଷେତ୍ର ପରିଦର୍ଶନରୁ ମିଳିଥିବା ଅନ୍ତର୍ଦୃଷ୍ଟି ଏବଂ ମତାମତ ଉପସ୍ଥାପନ କରାଯାଇ ଆଲୋଚନା କରାଯାଇଥିଲା, ଯାହା ଭୂମିଗତ ଚ୍ୟାଲେଞ୍ଜ ଏବଂ ଉନ୍ନତିର ସମ୍ଭାବ୍ୟ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ। ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଅଧିକାରୀମାନଙ୍କୁ ନବସୃଜନଶୀଳ ଅଭ୍ୟାସ ଗ୍ରହଣ କରିବା, ଆନ୍ତଃ-ଏଜେନ୍ସି ସମନ୍ୱୟକୁ ସୁଦୃଢ଼ କରିବା ଏବଂ ସମସ୍ତ ସ୍ତରରେ ଦାୟିତ୍ୱ ବଜାୟ ରଖିବା ପାଇଁ ଉତ୍ସାହିତ କରିଥିଲେ।

ଉଷା ପାଢ଼ୀ ସଶକ୍ତ ସହର ଏବଂ ସ୍ଥିର ସହରାଞ୍ଚଳ ବ୍ୟବସ୍ଥା ପ୍ରତି ବିଭାଗର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ, ସମସ୍ତ ଅଂଶୀଦାରମାନଙ୍କୁ 'ବିକଶିତ ଓଡ଼ିଶା ଅ୨୦୩୬'ର ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରି କାମ କରିବାକୁ ପରାମର୍ଶ ଦେଇଥିଲେ ।

# ଜିନ୍ଦଲ ନଗରରେ ରତ୍ନବେଦୀକୁ ଫେରିଲେ ଶ୍ରୀ ଚତୁର୍ଦ୍ଧାମୂର୍ତ୍ତି

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ଜିନ୍ଦଲ ନଗରର ଦେବଭୂମି ମନ୍ଦିର ପରିସରରେ ପବିତ୍ର ନୀଳାଦ୍ରି ବିଜେ ଭକ୍ତି ଏବଂ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଜିନ୍ଦଲ ନଗର ଏବଂ ନିକଟସ୍ଥ ଗ୍ରାମରୁ ହଜାର ହଜାର ଭକ୍ତ ଏକତ୍ରିତ ହୋଇ ବଡ଼ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଏବଂ ଶ୍ରୀସୁଦର୍ଶନଙ୍କୁ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ।



ଦେବଭୂମିର ପ୍ରଥମ ସେବିକା ଓ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ପ୍ରଥମ ସେବକ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ରରୁ ୩ଥର ନିର୍ବାଚିତ ହୋଇଥିବା ସାଂସଦ ନବୀନ ଜିନ୍ଦଲଙ୍କ ପତ୍ନୀ ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣର ସହ ସମସ୍ତ ନୀତିକାନ୍ତି ମନ୍ଦିରର ମୁଖ୍ୟ ନୀତି ପରାମର୍ଶଦାତା ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ କରିଥିଲେ।

ରଥ ଶୋଧ, ମଣିମା ଡାକ ଏବଂ ଦ୍ୱାର ଫିଟା ଭଳି ପାରମ୍ପରିକ ରୀତିନୀତି ସହିତ ଏହି ଦିନଟି ଆରମ୍ଭ ହୋଇଥିଲା। ତାପରେ ମଙ୍ଗଳ ଆରତୀ, ତଡପ ଲାଗି ଏବଂ ଅବକାଶ ନୀତି ସହିତ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ସ୍ୱତନ୍ତ୍ର ବେଶରେ ସୁସଜ୍ଜିତ କରାଯାଇଥିଲା ଏବଂ ରୋଷ ହୋମ, ସୂର୍ଯ୍ୟପୂଜା ସାଙ୍ଗକୁ ଦ୍ୱାରପାଳ ପୂଜା ଭଳି ରୀତିନୀତି ସମ୍ପୂର୍ଣ୍ଣ ପବିତ୍ରତା ସହିତ କରାଯାଇଥିଲା।

ଏହି ପବିତ୍ର ଦିନରେ ଗୋପାଳ ବଲ୍ଲଭ, ବେଶ ଆରତୀ ଏବଂ ସର୍ବସାଧାରଣ ଦର୍ଶନ ସହିତ ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଇଶ୍ୱରୀୟ ରୂପ ଦେଖିବାର ସୁଯୋଗ ପାଇଥିଲେ। ଧୂପ ଏବଂ ପହୁଡ଼ ଭଳି ମଧ୍ୟାହ୍ନ ନୀତିକାନ୍ତି ପରେ ପହୁଡ ଫିଟା, ସନ୍ଧ୍ୟା ଆରତୀ, ଭଜନ ଏବଂ କୀର୍ତ୍ତନ ଯୋଗୁ ମନ୍ଦିର ଏବଂ ରଥ ନିକଟରେ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା।

ଭକ୍ତମାନେ ପ୍ରସାଦ ପାଇବା ସହିତ ମୁଖ୍ୟ ସେବିକାଙ୍କ ଦ୍ୱାରା ଅନୁଷ୍ଠିତ ମଙ୍ଗଳାର୍ପଣ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଗୋଟି ପହଣ୍ଡି। ଏହା ପରେ ମହାପ୍ରଭୁ ବଡ ଭାଇ ଓ ଭଉଣୀଙ୍କୁ ନେଇ ରତ୍ନବେଦୀକୁ ଫେରିଥିଲେ।

ଲକ୍ଷ୍ମୀ ଠାକୁରାଣୀଙ୍କ ରୋଷ, ରସଗୋଲା ଭୋଗ, ମାନ ଭଞ୍ଜନ, ବଡ଼ ସିଂହାର ଏବଂ ପହୁଡ ସମେତ ନୀଳାଦ୍ରି ବିଜେ ନୀତି ଠିକ ଶ୍ରୀମନ୍ଦିର ଭଳି ଦେଖି ଭକ୍ତମାନେ ଆନନ୍ଦ ପ୍ରକାଶ କରିଥିଲେ। ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇବା ସହିତ ଏହି ପବିତ୍ର ମହାପର୍ବରେ ସାମିଲ ହୋଇ ଭକ୍ତମାନେ ନିଜକୁ ଧନ୍ୟ ମନେ କରିଥିଲେ।

ଶ୍ରୀ ଚତୁର୍ଦ୍ଧାମୂର୍ତ୍ତୀଙ୍କ ନିକଟରେ ନିଜର ଭକ୍ତି ନୈବେଦ୍ୟ ସମର୍ପଣ କରିବା ସହିତ ଶାଲୁ ଜିନ୍ଦଲ, ସମସ୍ତ ନୀତିକାନ୍ତି ଓ ଭକ୍ତିର ଭାବରେ ଲଗାତାର ଚାରି ବର୍ଷ ଧରି ରଥଯାତ୍ରାକୁ ସଫଳତାର ସହିତ ପରିଚାଳନା କରି ଆସିଥିବାରୁ ସ୍ଥାନୀୟ ସମ୍ପ୍ରଦାୟ ଏବଂ ସମସ୍ତ ଜିନ୍ଦଲବାସୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ରାଜ୍ୟ ଲ' କମିଶନଙ୍କ ଲୋଗୋ ଓ ଇ-ମେଲ ଆଇଡି ଉନ୍ମୋଚିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟ ଲ' କମିଶନଙ୍କ ପ୍ରଥମ ବୈଠକ ବୁଧବାର ତୋଷାଳୀ ଭବନ ସ୍ଥିତ କମିଶନଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ପଦାଧିକାରୀ ସଦସ୍ୟ ମାନସ ରଞ୍ଜନ ବାରିକ, ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥଲେ। ଏହି ପ୍ରଥମ ବୈଠକରେ ପାଞ୍ଚଟି କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା ଯେଉଁଥିରେ କମିଶନର ଲୋଗୋ ଏବଂ ଇ-ମେଲ୍ ଆଇଡି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ ହେବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରିବାକୁ ଆବଶ୍ୟକୀୟ ଆଇନଗତ ଦିଗଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଆଇନ ବିଭାଗର ତାରିଖ ୧୬.୦୩.୧୬ ରେ ହୋଇଥିବା ସଂକଳ୍ପ ପତ୍ରର ଧାରା ୧୯ (୧) ଅନୁଯାୟୀ ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର୍ଯ୍ୟ ଚନ୍ଦ୍ର ମହାପାତ୍ରଙ୍କୁ ଓଡ଼ିଶା ରାଜ୍ୟ ଆଇନ କମିଶନର ଉପ-କମିଟିର ନିଯୁକ୍ତିକୁ ମଧ୍ୟ ଅନୁମୋଦନ କରାଯାଇଥିଲା। ଏଥିସହିତ ଧାରା ୧୪(୨) ଅନୁଯାଇ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ, କର୍ତ୍ତୃପକ୍ଷ, ବିଭିନ୍ନ ସଂସ୍ଥା ପକ୍ଷରୁ ଆଇନ୍‌ରେ ସଂଶୋଧନ, ଆଇନଗତ ସହାୟତା, ପରାମର୍ଶ ନେଇ ଆସିବାକୁ ଥିବା ସମସ୍ତ ଦରଖାସ୍ତକୁ ବିଚାରକୁ ନେଇ ଆବଶ୍ୟକ ପରାମର୍ଶ ସୁପାରିସ ଏବଂ ଚିଠିପତ୍ର ପଠାଇବା କ୍ଷେତ୍ରରେ କମିଶନର ସଚିବଙ୍କୁ ଅନୁମୋଦନ କରାଯାଇଥିବା ନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଏସ୍‌ସିବିର ଏଫ୍‌ଏମ୍‌ଟି ବିଭାଗ ପ୍ରଫେସର ଶୂନ୍ୟ

## ପ୍ରଭାବିତ ହେବ ପାଠପଢ଼ାରୁ ଆରମ୍ଭ କରି ଶବ ବ୍ୟବଚ୍ଛେଦ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଏସ୍‌ସିବି ମେଡିକାଲ କଲେଜରେ ପୂର୍ବରୁ ୮ଟି ବିଭାଗ ପ୍ରଫେସର ଶୂନ୍ୟ ଥିବାବେଳେ ଏବେ ପୁଣି ଏଫ୍‌ଏମ୍‌ଟି ବିଭାଗର ପ୍ରଫେସରଙ୍କୁ ଏସ୍‌ସିବିରୁ ସୁନ୍ଦରଗଡ଼ ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସିପାଲ ଭାବେ ବଦଳି କରାଯାଇଛି। କିନ୍ତୁ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇନି। ଫଳରେ ଏଫ୍‌ଏମ୍‌ଟି ବିଭାଗ ଏବେ ପ୍ରଫେସର ଶୂନ୍ୟ ହେବାକୁ ଯାଉଛି। କେବଳ ୨ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନେଇ ବିଭାଗ ଚାଲିବ। ବିଭାଗରେ ୩ ଜଣ ଆସୋସିଏଟ୍ ପ୍ରଫେସର ପଦବି ବି ଖାଲିପଡ଼ିଛି। ଫଳରେ ଡାକ୍ତରୀ ପିଲାଙ୍କ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେବା ସହ ଏସ୍‌ସିବିରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ବି ପ୍ରଭାବିତ ହେବାକୁ ଯାଉଛି। ଏସ୍‌ସିବି ଏଫ୍‌ଏମ୍‌ଟି ବିଭାଗରେ ଜଣେ ପ୍ରଫେସର, ୩ ଜଣ ଆସୋସିଏଟ୍ ପ୍ରଫେସର ଓ ୩ ଜଣ ଆସିଷ୍ଟାଣ୍ଟ ପ୍ରଫେସର ରହିବା କଥା। ବିଭାଗରେ ୫ଜଣ ପିଜି ଛାତ୍ର ରହିଥିବାବେଳେ ଏବେ ସେମାନଙ୍କୁ ପାଠ ପଢ଼ାଇବାକୁ ବି ପ୍ରଫେସର କି ଆସୋସିଏଟ୍ ପ୍ରଫେସର ନାହାନ୍ତି।



ପ୍ରଫେସର ଡାକ୍ତର ଗୀତା ସାହୁଙ୍କୁ ସୋମବାର ବଦଳି କରାଯାଇଛି। ଏସ୍‌ସିବିରେ ଦିନକୁ ହାରାହାରି ୧୫ଟି ଶବ ବ୍ୟବଚ୍ଛେଦ ହେଉଥିବାବେଳେ ବିଭିନ୍ନ ମେଡିକୋଲିଗାଲ୍ ମାମଲାର ରିପୋର୍ଟ ପ୍ରଦାନ କ୍ଷେତ୍ରରେ ଏଫ୍‌ଏମ୍‌ଟି ବିଭାଗ ଗୁରୁତ୍ୱପୂର୍ଣ୍ଣ। ଯଦି ରାଜ୍ୟ ସରକାର ପ୍ରଫେସର ପଦ ପୂରଣ ନ କରନ୍ତି ତା'ହେଲେ ଆଗକୁ ପିଜି ସିଟ୍ ବି କଟିଯିବାର ଆଶଙ୍କା ବି ରହିଛି।

ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟର ୧୪ଟି ମେଡିକାଲ କଲେଜରେ ବର୍ତ୍ତମାନ ୧୦୪ ପ୍ରଫେସର, ୩୪୦ ଆସୋସିଏଟ୍ ପ୍ରଫେସର ଓ ୫୦୬ ଆସିଷ୍ଟାଣ୍ଟ ପ୍ରଫେସର ପଦ ଖାଲି ପଡ଼ିଛି। ରାଜ୍ୟର ସବୁଠାରୁ ବଡ଼ ରେଫରାଲ ହସ୍ପିଟାଲ୍ କଟକ ବଡ଼ ଡାକ୍ତରଖାନାରେ ବର୍ତ୍ତମାନ ହେମାଟୋ-ଲୋଜି, ରେଡିଓଲୋଜି, ପଲ୍ମୋନାରୀ ମେଡିସିନ୍, ପାଥୋଲୋଜି, ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍, ଗ୍ୟାଷ୍ଟ୍ରୋ ସର୍ଜରି, ନେଫ୍ରୋଲୋଜି, ବାୟୋ-କେମିଷ୍ଟ୍ରି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡ଼ିକ ପ୍ରଫେସର ଶୂନ୍ୟ ରହିଛି। ହେଲେ ଏହି ବିଭାଗଗୁଡିକରେ ପ୍ରଫେସର ଅଛନ୍ତି ବୋଲି ନ୍ୟାସନାଲ୍ ମେଡିକାଲ କମିଶନ୍ (ଏନ୍‌ଏମ୍‌ସି)କୁ ଦର୍ଶାଇବା ପାଇଁ ଅବସରପ୍ରାପ୍ତ ପ୍ରଫେସରଙ୍କୁ ଚୁକ୍ତିଭିତ୍ତିରେ ରଖାଯାଉଛି। ଏସ୍‌ସିବିରେ ଏବେ ୧୦ଜଣ ପ୍ରଫେସର ଅବସର ପରେ ଚୁକ୍ତିରେ ରହିଛନ୍ତି। ଏସ୍‌ସିବିରେ ୧୮ଟି ପ୍ରଫେସର, ୬୦ଟି ଆସୋସିଏଟ୍ ଓ ୮୦ଟି ଆସିଷ୍ଟାଣ୍ଟ ପ୍ରଫେସର ପଦ ଖାଲିପଡ଼ିଛି। ୨୦ରୁ ଅଧିକ ଆସୋସିଏଟ୍ ପ୍ରଫେସର ଡେପୁଟେସନ୍‌ରେ ଅଛନ୍ତି।

# ବେଲପଡ଼ାରେ ନୂତନ ଆଇସିଡିଏସ ଅଫିସ୍‌ର ଶିଳାନ୍ୟାସ କଲେ ଉପ ମୁଖ୍ୟମନ୍ତ୍ରୀ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ସଶକ୍ତିକରଣ ମନ୍ତ୍ରୀ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେଲପଡ଼ା ବ୍ଲକ ଗ୍ରସ୍ତରେ ଆସି ବ୍ଲକ୍ ପରିସରରେ ଶିଶୁ ବିକାଶ ପ୍ରକଳ୍ପର ଅଫିସ ଗୃହ ଭୂମି ପୂଜନ କରିବା ସହିତ ବ୍ଲକ ସମ୍ମିଳନୀ କକ୍ଷରେ ଭତ୍ତା, ଅନ୍ତୋଦୟ ଘର, ସହିତ ରାସନକାର୍ଡ ବଣ୍ଟନ ସହିତ ବେଲପଡ଼ା ପଞ୍ଚାୟତ କଲେଜ ପରିସରରେ ଅଡ଼ିଟୋରିୟମ ହଲ୍ ଭୂମି ପୂଜନ ଓ ଶେଷରେ ମଣ୍ଡଳ ଅଭୟ ପ୍ରସାଦ ଏମଇ ସ୍କୁଲର ଅତିରିକ୍ତ ଶ୍ରେଣୀ ଗୃହର ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର, ବିଡ଼ିଓ ରାଜେଶ ମେହେର, ତହସିଲଦାର ଅଭିଷେକ କିଷାନ, ବିଇଓ ବେଲପଡା ଅଭିନବ ମିଶ୍ର, ସହିତ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ, ବେଲପଡ଼ା ଥାନା ପ୍ରାପ୍ତ ଅଧିକାରୀ ଅନନ୍ତ ପ୍ରଧାନ ସହିତ ଦୁଇ ଜିଲ୍ଲାପରିଷଦ ଶବ୍ଦ ମିର୍ଧା, ଅନିମା ଦାସ, ବ୍ଲକ ଅଧ୍ୟକ୍ଷା ଟିନା କୁମ୍ଭାର, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ତନ୍ମୟ ଦାସଙ୍କ ସହିତ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



# ସାର ଦୋକାନ ଉପରେ ଚଢ଼ଉ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅନ୍ତର୍ଗତ ଥିବା ସାର ଦୋକାନମାନଙ୍କ ଉପରେ ବ୍ଲକ ଯାଞ୍ଚ ଟିମ୍ ଦ୍ୱାରା ଚଢ଼ଉ କରା ଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଖପ୍ରାଖୋଲ ଗୋଷ୍ଠୀ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଅତିରିକ୍ତ କୃଷି ଅଧିକାରୀ ଦୀନବନ୍ଧୁ ବେହେରା, ଲାଠୋର ପୋଲିସ ମିଳିତ ଭାବରେ ସଦର ଗ୍ରାମ ସ୍ଥିତ ଅଞ୍ଚଳରେ ଥିବା ସାର ଦୋକାନମାନଙ୍କ ଉପରେ ଚଢ଼ଉ କରିଥିଲେ। ଷ୍ଟକ୍ ଅନୁସାରେ ସବୁ ଠିକ୍ ଠାକ୍ ଥିବା ବେଳେ କିଛି ହୋଲସେଲର ରେକର୍ଡ ପତ୍ର ଠିକ୍ ନ ଥିବା ଜାଣିଥିଲେ। ସଂପୃକ୍ତ ସାର ବିକ୍ରେତାମାନଙ୍କୁ କାରଣ ଦର୍ଶାଅ ନୋଟିସ କରି ୭ ଦିନ ମଧ୍ୟରେ ଉକ୍ତ କାଗଜ ପତ୍ର ଦାଖଲ କରିବାକୁ ସୂଚିତ କରିଥିଲେ। ଅନ୍ୟଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଞ୍ଚଳରେ ପ୍ରତି ବର୍ଷ ଚାଷୀ ସାର ପାଇଁ ହଇରାଣ ହୋଇ ଶେଷରେ ଚଢ଼ା ଦରରେ ସାର କିଣିବାକୁ ବାଧ୍ୟ ହେଉଥିବା ନେଇ ଚର୍ଚ୍ଚା ହେଉଛି। ବିଭାଗ ପକ୍ଷରୁ ପ୍ରତି ବର୍ଷ ଚଢ଼ଉ ହେଲେ ସୁଦ୍ଧା କେବେ କାହା ବିରୁଦ୍ଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ହେବାର ଦେଖାଯାଇ ନାହିଁ ବୋଲି ଚାଷୀ ମହଲରୁ ମତ ପ୍ରକାଶ ପାଉଛି। ସାର ଦେକାନୀମାନେ ଚଢ଼ା ଦରରେ ସାର ବିକ୍ରି କରି ଲାଭ-ବାନ ହେଉଛନ୍ତି ଚାଷୀ ଉଚ୍ଚା ଦରରେ କିଣିବାକୁ ବାଧ୍ୟ ହୋଇ କ୍ଷତି ସହୁଛି। କେବଳ କାରଣ ଦର୍ଶା ନୋଟିସ୍ ଜାରି ହେଉଛି କାର୍ଯ୍ୟାନୁଷ୍ଠାନ କିଛି ହେଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି କୃଷି ବିଭାଗ ନିରବଦ୍ରଷ୍ଟା ସାଜିଛି।

# ରଥଚକ ତଳେ ଚାପି ହୋଇ ତରଭା ଏନ୍‌ଏସି ଉପାଧ୍ୟକ୍ଷ ଗୁରୁତର

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ତରଭା ସହରରେ ଶ୍ରୀ ଦଧିବାବନଙ୍କ ବାହୁଡ଼ା ଯାତ୍ରାରେ ଘଟିଛି ଅଘଟଣ। ମଙ୍ଗଳବାର ଶ୍ରୀ ଦଧିବାମନଙ୍କ ନୀଳାଦ୍ରି ବିଜେ ଅର୍ଥାତ ରଥଟଣାର ଅନ୍ତିମ ଦିନ ସୋନପୁର ଜିଲ୍ଲା ତରଭା ଠାରେ ଏନଏଏସିର ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ ରଥଚକ ତଳେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ପୂର୍ବଦିନ ରଥ ସୁନାରୀପଡ଼ାରେ ଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ରଥପଡ଼ାସ୍ଥିତ ରଥ ଖଳାରେ ପହଞ୍ଚିବା ପାଖାପାଖି ଏହି ଘଟଣା ଘଟିଥିଲା। ଉପାଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ଅନ୍ୟ ସ୍ୱେଚ୍ଛାସେବୀଙ୍କ ସହ ସହ ରଥ ସମ୍ମୁଖରେ ରହି ଶୃଙ୍ଖଳାର ସହ ରଥଟଣା ବ୍ୟବସ୍ଥା ବୁଝୁଥିଲେ। ରଥର ବ୍ରେକ୍ ପକାଯାଉଥିବା ବେଳେ କୌଣସି କାରଣ ବଶତଃ ଗଗନଙ୍କ ଡାହାଣ ଗୋଡ଼ ବ୍ରେକ୍ ଓ ରଥଚକ ମଧ୍ୟରେ ଚାପି ହୋଇଯାଇଥିଲା। ଏଥିରେ ତାଙ୍କର ନଳିଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଶ୍ରୀ ଅଗ୍ରୱାଲ ରଥଚକ ତଳେ ପଡ଼ିଯିବା ଦେଖି ନିକଟରେ ଥିବା ସେଚ୍ଛାସେବୀ ରାମ ନାଏକ ଏବଂ କିଛି ସ୍ୱେଚ୍ଛାସେବୀ ତାଙ୍କୁ ଟାଣି ଆଣିବାରୁ ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିବା ବେଳେ ଗଗନ ଗୁରୁତର ଆହତ ହେଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ ପରେ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ପରେ ବରଗଡ଼ର ବିକାଶ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଉଚ୍ଚତର ଚିକିତ୍ସା ପାଇଁ କେୟାର ହସ୍ପିଟାଲ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ଅଘଟଣକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନିକ ଅବହେଳା କାରଣରୁ ଗତ ଦୁଇଦିନ ତଳେ ବିନିକାରେ ରଥଟଣା ସମୟରେ ଜଣେ ନାବାଳକ ପ୍ରାଣ ହରାଇଥିବା ବେଳେ ବୁଧବାର ତରଭାରେ ଜଣେ ଗୁରୁତର ହେବା ଘଟଣାକୁ ବୁଦ୍ଧିଜୀବୀ ତଥା ସାଧାରଣରେ ପୋଲିସ ଓ ପ୍ରଶାସନକୁ ନିନ୍ଦା କରାଯାଇଛି।

# କଟକ ଡିଆଇପିଆରଓ ଦପ୍ତର କର୍ମଚାରୀଙ୍କ ଅକାଳ ବିୟୋଗରେ ଶୋକ ସଭା

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟରେ ଗ୍ରନ୍ଥାଗାରିକ ଭାବେ କାର୍ଯ୍ୟ କରୁଥିବା ଆକାଶ କୁମାର ମାଝୀଙ୍କ ପ୍ରାତଃ ସମୟରେ ହୃଦ୍‌ଘାତ ଯୋଗୁ ଅକାଳ ବିୟୋଗ ଘଟିଛି। ଶ୍ରୀ ମାଝୀ ୧୯୮୬ ମସିହା ନଭେମ୍ବର ୨୨ ତାରିଖରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ତାଙ୍କର ଅକାଳ ବିୟୋଗରେ ବୁଧବାର କାର୍ଯ୍ୟାଳୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା। ଉକ୍ତ ପ୍ରାର୍ଥନା ସଭାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୁରୁପୂର୍ଣ୍ଣିମା ଆକାଶରେ...

ଯାହା ସୂର୍ଯ୍ୟ ଚାରିପାଖରେ ପୃଥିବୀର କକ୍ଷପଥକୁ ଚିହ୍ନିତ କରେ ଏବଂ ବର୍ଷସାରା ସୂର୍ଯ୍ୟଙ୍କ ଗତି ପଥକୁ ଚିହ୍ନିତ କରେ। ଏହି ସମୟରେ, ଚନ୍ଦ୍ରର କକ୍ଷପଥ ପ୍ରାୟ ୫ ଡିଗ୍ରୀ ଗ୍ରହଣ ଆଡ଼କୁ ଢଳିଥାଏ। ଯଦି ଏହାକୁ ଦୁଇଟି ହୁପ୍ ଭାବରେ ଦେଖାଯାଏ, ତେବେ ଗୋଟିଏ ଅନ୍ୟଟି ଉପରେ ରହିବ। ଆଉ ଚନ୍ଦ୍ର କେତେବେଳେ ପୃଥିବୀର ହୁପ୍ ଉପରେ ଏବଂ ଅନ୍ୟଗୁଡ଼ିକ ତଳେ ରହିବ । ଏହା ନୋଡ୍ ଭାବରେ ପରିଚିତ ଦୁଇଟି ବିନ୍ଦୁରେ ଏକାଠି ହୁଅନ୍ତି । ସେମାନଙ୍କ ମଧ୍ୟରୁ ଗୋଟିଏ ଚନ୍ଦ୍ରକୁ ଉପରକୁ ନେଇଯାଏ ଏବଂ ଅନ୍ୟଟି ତଳକୁ ଯାଏ । ୧୮.୬ ବର୍ଷର ଦିଗନ୍ତରେ ଚନ୍ଦ୍ରଉଦୟ ଏବଂ ଚନ୍ଦ୍ରାସ୍ତ ବିନ୍ଦୁ ସବୁଠାରୁ ଦୂରରେ ଥାଏ । ଚନ୍ଦ୍ର ଦିଗନ୍ତର ନିକଟରେ ବିଶାଳ ଦେଖାଯିବ । ସୂର୍ଯ୍ୟୋଦୟ ହେଉଛି ଅସ୍ୱାଭାବିକ ଭାବରେ ବଡ଼ ଚନ୍ଦ୍ର ଦେଖିବାର ପ୍ରକୃଷ୍ଟ ସମୟ । ଜୁଲାଇର ପୂର୍ଣ୍ଣିମାକୁ ବକ୍ ମୁନ୍ ମଧ କୁହାଯାଏ, କାରଣ ଉତ୍ତର ଆମେରିକାରେ ବର୍ଷର ଏହି ସମୟରେ ପୁରୁଷ ହରିଣଙ୍କ (ବକ୍) ଶିଙ୍ଗ ବଢ଼ିବା ଆରମ୍ଭ ହୁଏ । ଜୁଲାଇରେ ଆମେରିକାର କିଛି ସ୍ଥାନରେ ଗ୍ରୀଷ୍ମ ଝଡ଼ ହେତୁ ଏହାକୁ ଥଣ୍ଡର୍ ମୁନ୍ ମଧ କୁହାଯାଏ।

### ଜଗନ୍ନାଥ ପ୍ରଧାନଙ୍କୁ ...

କରିଥିଲା। ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ କ୍ୟାପିଟାଲ୍ ହସ୍ପିଟାଲ ନିଆଯାଇଥିଲା। ଏହା ପରେ ଜଗନ୍ନାଥ ପ୍ରଧାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଜଗନ୍ନାଥଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତରେ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଥିଲା।

### ସଞ୍ଜୀବ ପଣ୍ଡା ହେଲେ ଏଡିଜି ...

ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଯାଇଛି । ଆଗକୁ ନକ୍ସଲ ଅପରେସନ ଜୋରଦାର ହେବ । ସରକାରଙ୍କ ଯେଉଁ ଆଭିମୁଖ୍ୟ ରହିଛି ନକ୍ସଲମୁକ୍ତ ଭାରତ ବା ଓଡ଼ିଶା ସେଥିରେ ଶ୍ରୀ ପଣ୍ଡା ଏକ ନିର୍ଣ୍ଣାୟକ ଭୂମିକା ନିଭାଇବେ ।

### ପଞ୍ଚମ, ଅଷ୍ଟମ ଶ୍ରେଣୀରେ ଫେଲ୍ ...

ଗଣଶିକ୍ଷା ବିଭାଗ ଆଶା ରଖିଛି। ଏହି ନୀତି ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ କାର୍ଯ୍ୟକାରୀ ହେବ। ଏହା ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଅଗ୍ରଗତିରେ ସହାୟକ ହେବ ବୋଲି ବିଭାଗୀୟ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ନେଇ...

ଛକ ସ୍ଥିତ ଶାରଳା ଭବନ ଯାଇ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସେଠାରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିବା ସହ ‘‘କଳିଙ୍ଗ ରତ୍ନ ପୁରସ୍କାର-୨୦୨୪’’ ପ୍ରଦାନ କରିବେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତା ୧୪ ତାରିଖ ଅପରାହ୍ଣରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦର ଠାରେ ପହଞ୍ଚିବେ ଏବଂ ୨ ଦିନ ଧରି ଭୁବନେଶ୍ୱର ସମେତ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ୧୫ ତାରିଖ ସଂଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ । ରାଷ୍ଟ୍ରପତିଙ୍କୁ ବିମାନ ବନ୍ଦର ନିକଟରୁ ପାଛୋଟି ଆଣିବା ଓ ପ୍ରତ୍ୟାବର୍ତ୍ତନ ସମୟରେ ମେଲାଣି ଦେବା ସହ ରାଜ ଭବନରେ ତାଙ୍କର ସାମୟିକ ରହଣି ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଉତ୍ସବ ସ୍ଥଳରେ ଅଗ୍ନିଶମ ସେବା ବ୍ୟବସ୍ଥା, ସଡ଼କ ପଥରେ ଯାତ୍ରା ସମୟରେ କାରକେଡ୍ ପ୍ଲାନ, ଜରୁରୀ କାଳୀନ ଡାକ୍ତରୀ ଓ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥା, କାର୍ଯ୍ୟକ୍ରମ ସ୍ଥଳକୁ ଯିବା ରାସ୍ତାର ଆବଶ୍ୟକ ମରାମତି ଓ ରକ୍ଷଣା ବେକ୍ଷଣ, ରାସ୍ତାର ପରିଷ୍କାର ପରିଚ୍ଛନ୍ନତା, ଉତ୍ସବ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସହ ଯଥେଷ୍ଟ ସଂଖ୍ୟକ ଅତିରିକ୍ତ ଜେନେରେଟର ବ୍ୟବସ୍ଥା ରଖିବା ସମ୍ପର୍କରେ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ପ୍ରସ୍ତୁତି ପରିପ୍ରେକ୍ଷୀରେ ଆବଶ୍ୟକ ମତେ ବିକଳ୍ପ ବ୍ୟବସ୍ଥା ରଖାଯିବା ସହ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ, ପୁଲିସ ମହା ନିର୍ଦ୍ଦେଶକ ୱାଇ ବି ଖୁରାନିଆଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆଯୁକ୍ତ, କଟକ ଓ ଖୋର୍ଦ୍ଧା ଜିଲ୍ଲାପାଳ ଓ ଅନ୍ୟ ସମ୍ପୃକ୍ତ କାର୍ଯ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷମାନେ ଯୋଗ ଦେଇଥିଲେ ।

### ମେଘନାଦ ପାଚେରୀ ଡେଇଁ ...

ମେଘନାଦ ପାଚେରୀ ନିକଟରେ ଥିବା ଆବର୍ଜନାର ପାହଡ ଚଢ଼ି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ । ନିୟମିତ ଭାବେ ଆବର୍ଜନା ସଫା କରାନଯିବାରୁ ଏହାର ଫାଇଦା ଉଠାଇଛନ୍ତି ଏହି ସନ୍ଦିଗ୍ଧ ଯୁବକମାନେ । ଉତ୍ତରଦ୍ୱାର ଓ ଦକ୍ଷିଣଦ୍ୱାରରେ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ହେଲେ କାହାର ନଜର ପଡ଼ିଲାନି । ଅତୀତରେ ଘଟିଥିବା ଅଘଟଣ ଜାଣି ମଧ ପ୍ରଶାସନ ଚେତିଲାନି । ନୀଳାଦ୍ରି ବିଜେରେ ବିଏସ୍‌ଏଫ୍, ଏସ୍‌ଓଜି, ଏନ୍‌ଏସ୍‌ଜି, ସିଆରପିଏଫ୍, ଆରଏଏଫ୍, ଏସ୍‌ଏଏଫ୍, ଜେଟିପି, ଜେଟିପି ସ୍କ୍ୱାଡ୍, ଓଏସ୍‌ଏପି, ଶ୍ରୀମନ୍ଦିର ସ୍କ୍ୱାଡ୍‌କୁ ମିଶାଇ ୧୦ ହଜାର ଫୋର୍ସ ଓ ୧ ହଜାର ପୁଲିସ ଅଧିକାରୀ ନିୟୋଜିତ ଥିଲେ । ସମସ୍ତଙ୍କ ଆଖିରେ ଧୂଳି ଦେଇ ଦୁର୍ବୃତ୍ତ ମେଘନାଦ ପାଚେରୀ ଡେଇଁ ଭିତରକୁ ପଶିବାରୁ ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି ।

### ଭଦୋଦରାରେ ଭୁଶୁଡିଲା ...

ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ ରାଜ୍ୟ ସରକାରଙ୍କ ପକ୍ଷରୁ ମୃତଙ୍କ ପରିବାରକୁ ୪ ଲକ୍ଷ ଓ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଁଏ କ୍ଷତିପୂରଣ ଦେବାକୁ ଘୋଷଣା କରିଛନ୍ତି। ମଧ ଗୁଜରାଟକୁ ସୌରାଷ୍ଟ୍ର ସହ ସଂଯୋଗ କରୁଥିବା ମହିସାଗର ନଦୀ ଉପରେ ନିର୍ମିତ ସେତୁଟି ପ୍ରାୟ ୪୫ ବର୍ଷ ପୁରୁଣା। ବୁଧବାର ସକାଳେ ଯାତାୟାତ ସମୟରେ ଦୁଇଟି ଟ୍ରକ୍, ଦୁଇଟି ପିକଅପ୍ ଭ୍ୟାନ୍ ଓ ଗୋଟିଏ ରିକ୍ସା ସେତୁ ଭାଙ୍ଗିପଡିବା ଯୋଗୁ ମହିସାଗର ନଦୀରେ ଖସିପଡିଥିଲେ। ସେତୁ ଭାଙ୍ଗିଯିବା ଓ ଯାନବାହନ ପଡିଯିବା ପରେ ଘଟଣା ସ୍ଥଳରେ ହାହାକାର ସୃଷ୍ଟି ହୋଇଥିଲା। ଘଟଣାର ସୂଚନା ମିଳିବା ପରେ ମୁଜପୁର ସମେତ ଏହାର ଆଖପାଖ ଗ୍ରାମର ଲୋକମାନେ ଘଟଣାସ୍ଥଳରେ ଜମା ହୋଇଥିଲେ। ମୁଜପୁର ଗ୍ରାମର ଗ୍ରାମବାସୀମାନେ ଉଦ୍ଧାର କାର୍ଯ୍ୟରେ ଲାଗିଗଲେ ଓ ନଦୀ ଭିତରେ ଫସିଥିବା ଓ ଭାସିଯାଉଥିବା ଅନେକ ଲୋକଙ୍କୁ ବଞ୍ଚାଇଛନ୍ତି । ଏହି ଦୁର୍ଘଟଣାରେ ଏଯାଁନ୍ତ ୯ ଜଣଙ୍କ ମୃତ୍ୟୁ ହୋଇଥିବାର ସୂଚନା ମିଳିଛି । ୮ ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ଘଟଣାର ସୂଚନା ପାଇଁ ପାଦରା ପୋଲିସ୍ ମଧ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ବାହାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସରେ ଏକ ପୋଷ୍ଟ କରି ଗୁଜରାଟର ଭଦୋଦରା ଜିଲ୍ଲାରେ ସେତୁ ଭାଙ୍ଗିଯିବା ଘଟଣାରେ ଧନଜୀବନ କ୍ଷତିକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ଦୁର୍ଘଟଣାରେ ଆହତ ଲୋକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଚଳିତ ଆର୍ଥିକ ବର୍ଷରେ ୩୦ ହଜାର...

ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଓଡିଶା ଖଣି ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ରାଜ୍ୟବ୍ୟାପୀ ପରିବହନ...

ଦରକାର। ସେ କହିଛନ୍ତି, ଖଣି ଅଞ୍ଚଳରେ ୭୦ ପ୍ରତିଶତ ସ୍ଥାନୀୟ ଡ୍ରାଇଭରଙ୍କୁ ଅଗ୍ରାଧିକାର ଦିଆଯାଉ। ଆମ ଦାବି ସରକାର ଗ୍ରହଣ କରନ୍ତୁ। ଯଦି ସରକାର କହୁଛନ୍ତି ଦାବି ଗ୍ରହଣ ହୋଇଛି ତେବେ ଆମକୁ ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ। ଆମେ ଆନ୍ଦୋଳନରୁ ଓହରିଯିବୁ। ନଚେତ୍ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି।

ZILLA SWASTHYA SAMITI, DHENKANAL
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

Advt. No.- 2826 Date- 08.07.2025 E-224

TENDER CALL NOTICE FOR SUPPLY OF IEC-BCC MATERIALS

Sealed tenders are invited from the registered suppliers/ farms/ distributors for supply of IEC-BCC materials under NHM,Dhenkanal.The last date for receiving the tender documents to the office of the undersigned on or before **dtd-28.07.2025 up to 5.30 p.m** and will be opened on dtd-**29.07.2025 at 11.00 a.m**. The detail terms & condition can be downloaded from the District website i.e www.dhenkanal.odisha.gov.in. The tenders should reach the office of the undersigned through speed post/ registrered post/ courier only. The undersigned is not responsible for any kind of postal delay & reserves all right to cancel any or all the tender at any stage of selection/ finalization process without assigning any reason thereof.

OIPR-10059/11/0014/2526 Sd /- CDM&PHO cum DMD, Dhenkanal

OFFICE OF THE SUPERINTENDING ENGINEER
JAGATSINGHPUR (R&B) DIVISION, JAGATSINGHPUR
GOVERNMENT OF ODISHA
('e' PROCUREMENT NOTICE)
Bid Identification No. S.E. JSP(R&B)-06 of 2025-26
E-Mail I.D.-eerbjspr@gniail.com
B-277

**TENDER CALL NOTICE**

1. The Superintending Engineer. Jagatsinghpur (R&B) Division. Jagatsinghpur on behalf of Governor of Odisha invites on Percentage rate basis bid in **Double cover system** in ONLINE MODE from eligible contractor for Building works as mentioned below.
2. No. of Work :- 02 No.
3. Nature of work :- Civil work
4. Class of Contractor :- "B"
5. Tender Paper Cost :- Rs. 10000/- (Online)
6. Available of bid documents in the website :- From 10/07/2025 to 5.00 PM of 24/07/2025
7. Date of Opening of Bid :- 11.00 AM of 25/07/2025

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/- (Er Sarbendu Sutar)
Superintending Engineer,
Jagatsinghpur (R&B) Division

OIPR-34093/11/0023/2526

ଭୁବନେଶ୍ୱର
୧୦ ଜୁଲାଇ,
ଗୁରୁବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ୧୪ରେ ଶ୍ରାବଣ ପ୍ରଥମ ସୋମବାର ଭୋର ୪ଟାରେ ସାହାଣମେଲା ଦର୍ଶନ

**ଭୁବନେଶ୍ୱର, ୯/୭ ନ୍ୟୁଜ ବ୍ୟୁରୋ**



ଆସନ୍ତା ୧୪ତାରିଖ ଶ୍ରାବଣ ମାସର ପ୍ରଥମ ସୋମବାର। ସେହି ଦିନ ଶ୍ରୀଲିଙ୍ଗରାଜ ମନ୍ଦିରରେ କାଉଡ଼ିଆମାନେ ଜଳଲାଗି କରିବେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ମନ୍ଦିର ପ୍ରଶାସନର ପ୍ରସ୍ତୁତି ବୈଠକ ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ନିଷ୍ପତ୍ତି ଅନୁଯାୟୀ ଏଏସ୍‌ଆଇ (ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା) ପକ୍ଷରୁ ମନ୍ଦିର ସିଂହଦ୍ୱାରରୁ ଦୁଇପାର୍ଶ୍ୱ ରାସ୍ତା କଡ଼ରେ ବ୍ୟାରିକେଡ୍ ବନ୍ଧା ହେବ। ଶ୍ରାବଣୀ ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ୩ଟାରୁ ମନ୍ଦିର ଖୋଲାଯିବ। ଭୋର ସାଢ଼େ ୩ଟାରେ ମଙ୍ଗଳଆଳତି ଓ ଅବକାଶ ନୀତି ହେବା ପରେ ଭୋର୍ ୪ଟାରେ ସାହାଣମେଲା ଦର୍ଶନ ଆରମ୍ଭ ହେବ। ଆଡ଼କାଠ ନିକଟରୁ ଗର୍ଭଗୃହ ପର୍ଯ୍ୟନ୍ତ ଏକ ତମ୍ବାପାତ୍ରର ନଳ ରହିବ। କାଉଡ଼ିଆମାନେ ଧାଡ଼ିରେ ଆସି ଆଡ଼କାଠ ନିକଟରେ ସେହି ତମ୍ବାପାତ୍ରରେ ତୀର୍ଥ ଜଳ ଢାଳିବେ। ଏହି ପାତ୍ରରୁ ତୀର୍ଥ ଜଳ ଯାଇ ସିଧା ଠାକୁରଙ୍କ ଶକ୍ତି ଉପରେ ପଡ଼ିବ।

ସେପଟେ କାଉଡ଼ିଆମାନଙ୍କୁ ଭିତରକୁ ଶୃଙ୍ଖଳିତ ଭାବେ ଛାଡ଼ିବା ପାଇଁ ଧାଡ଼ି ବ୍ୟବସ୍ଥା ହୋଇଛି। ରବିବାର ରାତିରେ ମନ୍ଦିରର ବାଇଶି ପାହାଚଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯିବ। ସେହିପରି ଶ୍ରାବଣ ମାସ ତମାମ ବଡ଼େଇବାଙ୍କ ଛକଠାରୁ ମନ୍ଦିର ଓ ମନ୍ଦିର ଚତୁପାର୍ଶ୍ୱରେ ଆମିଷ ଦୋକାନ ବନ୍ଦ ରହିବ। ମନ୍ଦିର ଭିତରକୁ ପ୍ଲାଷ୍ଟିକ୍ ଡବା ଓ ଜରି ପ୍ରବେଶକୁ ବାରଣ କରାଯାଇଛି। ସେହିପରି ଦଉଡ଼ି, ବାହୁଙ୍ଗୀ ଓ ବ୍ଲେଡ୍‌କୁ ମନ୍ଦିର ପରିସରରେ ଥିବା ସ୍ୱତନ୍ତ୍ର ପାତ୍ରରେ ପକାଇବେ। ପ୍ରତ୍ୟେକ କାଉଡ଼ିଆଙ୍କ ଠାରୁ ୧୦ଟଙ୍କା ଶ୍ରାବଣୀ ପାଉଣା ଆଦାୟ କରାଯିବ। ବିଏମ୍‌ସି ପକ୍ଷରୁ ଅସ୍ଥାୟୀ ବିଶ୍ରାମ ଗୃହ, ଶୌଚାଳୟ ରହିବ। ସେହିପରି ୱାଟ୍‌କୋ ପକ୍ଷରୁ ମନ୍ଦିର ନିକଟରେ ବିଭିନ୍ନ ଛକରେ ପାଣି ଟ୍ୟାଙ୍କର ରହିବ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ମନ୍ଦିର କାର୍ଯ୍ୟ-ନିର୍ବାହୀ ଅଧିକାରୀ ରୁଦ୍ର ପ୍ରସାଦ ମହାନ୍ତି, ସୁପରଭାଇଜର ରାଜକିଶୋର ମହାପାତ୍ର, ସେବାୟତ ନିଯୋଗ ପ୍ରତିନିଧି ବିରଞ୍ଚି ନାରାୟଣ ପତି, ହିମାଦ୍ରୀ ମହାପାତ୍ର, କମଳାକାନ୍ତ ବଡୁ, ମାଗୁଣି ସମର୍ଥା, ଲିଙ୍ଗରାଜ ଥାନା ଏସଆଇ ସୁବାସ ନାୟକ, ଏଏସ୍‌ଆଇ ଅଧିକାରୀ, ମନ୍ଦିର ଜ୍ୟୋତିଷ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ ମହାରାଷ୍ଟ୍ର ଶ୍ରଦ୍ଧାଳୁଙ୍କ ଅଭିଯୋଗ: ମହାପ୍ରସାଦ ବଣ୍ଟନରେ ରହୁନି ସ୍ୱଚ୍ଛତା



**ପୁରୀ, ୦୯/୦୭ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ସମର୍ପଣ ପରେ ମହାପ୍ରସାଦ କିଣିବାକୁ କେବଳ ପଇସା ଥିବା ଲୋକେ ସମର୍ଥ ହେଉଛନ୍ତି। ଯାହା ପାଖରେ ପଇସା ନାହିଁ ସେ ନିରାଶ ହେଉଛି। କେବଳ ମହାପ୍ରସାଦକୁ ଦେଖୁଛି ଓ ଭୋକିଲା ରହୁଛି। ଏଭଳି ଅବର୍ଣ୍ଣନୀୟ କଷ୍ଟ ଓ ତିକ୍ତ ଅନୁଭୂତି ସମ୍ପର୍କରେ ମହାରାଷ୍ଟ୍ର ମୁମ୍ବାଇ ସହର ବାସିନ୍ଦା ମନିଷ କପୁର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଦେଇଛନ୍ତି। ଯାହା ପରେ ରାଜ୍ୟ ଆଇନ ବିଭାଗ ଯୁଗ୍ମ ସଚିବ ଅଂଶୁମାନ ମହାନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ କାରଣ ଦର୍ଶାଅ ଚିଠି କରିଛନ୍ତି। ଏହି ଘଟଣା ଉପରେ ଉଚିତ୍ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ମନିଷ କପୁର ଶ୍ରୀମନ୍ଦିର ଶୋଷଣ, ଦୁର୍ନୀତି ଓ ସାମାଜିକ ଭେଦଭାବର ତିକ୍ତ ଅନୁଭୂତି ଦେଖିଥିଲେ। ସେ ଅଭିଯୋଗ କରିଛନ୍ତି, ମହାପ୍ରସାଦର ବ୍ୟବସାୟୀକରଣ ହୋଇଛି। ପଇସାବାଲାଙ୍କ ହାତ ଟେକା ମହାପ୍ରସାଦ ମିଳିଲେ ଗରିବଙ୍କ ପେଟ ପୂରୁଛି। କେବଳ ସେବକ ଓ ତାଙ୍କ କର୍ମଚାରୀଙ୍କ ଦ୍ୱାରା ମହାପ୍ରସାଦ ବିକ୍ରିବଟା ହେଉଛି। ମହାପ୍ରସାଦ କଳାବଜାରି ମଧ୍ୟ କରାଯାଉଛି। ପତିତଜନଙ୍କ ନିମନ୍ତେ ମହାପ୍ରଭୁ ପତିତପାବନ ଭାବେ ପରିଚିତ। ଏହି ଠାକୁରଙ୍କ ଦର୍ଶନ କରିବା ନିମନ୍ତେ ଅନେକ ଗରିବ ଶ୍ରଦ୍ଧାଳୁ ଅର୍ଥର ବ୍ୟବସ୍ଥା କରି ନପାରି ଦୂରଦୂରାନ୍ତରୁ ଚାଲି ଚାଲି ହେଉ ବା ଟ୍ରେନ୍ ଯୋଗେ ଶ୍ରୀକ୍ଷେତ୍ରକୁ ଆସନ୍ତି। ହେଲେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କାହିଁକି ଧନୀ-ଗରିବ ଭେଦଭାବ ସୃଷ୍ଟି କରି ମହାପ୍ରସାଦ ବଣ୍ଟନରେ ପାତରଅନ୍ତର କରୁଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଏହି ବିଶାଳ ଜାତୀୟ ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ନିମନ୍ତେ ଶ୍ରୀମନ୍ଦିରରେ ନ୍ୟାୟ, ସ୍ୱଚ୍ଛତା, ସଦ୍‌ଭାବ ବଜାୟ ରଖିବାକୁ କାର୍ଯ୍ୟ କରାଯାଉ ବୋଲି ସେ ନିବେଦନ କରିଛନ୍ତି।

# ନୀଳକନ୍ଦରରେ ମହାପ୍ରଭୁ : ଶ୍ରୀମନ୍ଦିରରେ ଲାଗିଲା ଭକ୍ତଙ୍କ ଭିଡ଼



**ପୁରୀ, ୯/୭ ନ୍ୟୁଜ ବ୍ୟୁରୋ**

ସରିଲା ଘୋଷଯାତ୍ରାର ଅନ୍ତିମ ପର୍ବ ନୀଳାଦ୍ରି ବିଜେ। ବୁଧବାରଠୁ ଭକ୍ତଙ୍କୁ ମିଳିଛି ନୀଳାଚଳ ଅବଢା। ରତ୍ନବେଦୀରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଆରମ୍ଭ ହେଲାଣି ଭକ୍ତଙ୍କ ଗହଳି। ଘୋଷଯାତ୍ରାର ୧୨ ଦିନର ଲୀଳାଖେଳା ପରେ ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରତ୍ନବେଦୀକୁ ଫେରିଛନ୍ତି। ରଥଯାତ୍ରା, ସୁନାବେଶ ଓ ଅଧରପଣା ସାରି ଗୋଟି ପହଣ୍ଡିରେ ବଡ଼ଦେଉଳକୁ ଫେରିଛନ୍ତି। ବୁଧବାରଠୁ ରତ୍ନ ସିଂହାସନରୁ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଉଛନ୍ତି ତିନି ଠାକୁର। ଏତେ ଦିନ ଧରି ମାନ କରି ରହିଥିବା ମା' ଲକ୍ଷ୍ମୀ ସାଆନ୍ତାଣିଙ୍କୁ ରସଗୋଲା ଦେଇ ମାନଭଞ୍ଜନ କରିଛନ୍ତି ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ। ନୀଳାଦ୍ରି ବିଜେ ଅବସରରେ ଏହା ହେଉଛି ଅନନ୍ୟ ପରମ୍ପରା। ପ୍ରଥମେ ରସଗୋଲା ଖୁଆଇ ମାନଭଞ୍ଜନ କଲା ପରେ ମହାପ୍ରଭୁ ରତ୍ନବେଦୀରେ ବିରାଜମାନ କରନ୍ତି। ଅନ୍ୟପକ୍ଷରେ ରଥଯାତ୍ରା ଅବସରରେ ରଥ ଉପରକୁ ମୋବାଇଲ୍ ନେଇଥିବା ୭ ସେବାୟତଙ୍କ ନାଁରେ ଏତଲା ଦିଆଯାଇଛି। ସିଂହଦ୍ୱାର ଥାନାରେ ୭ ସେବାୟତଙ୍କ ନାଁରେ ଏଫଆଇଆର ହୋଇଥିବା ସ୍ପଷ୍ଟ କରିଛି ଶ୍ରୀମନ୍ଦିର ପ୍ରଶାସନ। ବାରଣ ସତ୍ତ୍ୱେ କିଛି ସେବାୟତ ରଥ ଉପରକୁ ମୋବାଇଲ୍ ନେଇଥିଲେ। ସେମାନଙ୍କ ନାଁରେ ଏତଲା ପାଇଁ ସିଂହଦ୍ୱାର ଥାନାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇଥିଲା। ଏହା କେବଳ ରଥର ପବିତ୍ରତା ନଷ୍ଟ କରିନି, ଧନଜୀବନ ପ୍ରତି ବିପଦ ହୋଇଛି ବୋଲି ଦର୍ଶାଯାଇଥିଲା। ଏହାପରେ ୭ ଜଣ ସେବାୟତଙ୍କ ନାଁରେ ଏତଲା ହୋଇଛି।

# ଶୁକ୍ରବାର ଭୁବନେଶ୍ୱର ଆସିବେ ରାହୁଲ

**ଭୁବନେଶ୍ୱର, ୯।୭ ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୧ ତାରିଖରେ କଂଗ୍ରେସର 'ସମ୍ବିଧାନ ବଞ୍ଚାଅ', ମହାସମାବେଶରେ ଯୋଗଦେବା ପାଇଁ ଏଆଇସିସି ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ, ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧି ଓ ସଂଗଠନ ସାଧାରଣ ସମ୍ପାଦକ ଭେଣୁଗୋପାଳ ଭୁବନେଶ୍ୱର ଆସୁଛନ୍ତି। ବୁଧବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତାଙ୍କ ଗହଣରେ ପିସିସି ସଭାପତି ଭକ୍ତଚରଣ ଦାସ ଏହି ଗସ୍ତ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସେମାନେ ସେଦିନ ୧୧ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ବିମାନ ବନ୍ଦରରୁ ସିଧା ବରମୁଣ୍ଡା ପଡ଼ିଆ ଯିବେ। ରାସ୍ତାରେ ବିଭିନ୍ନ ଛକରେ ରାହୁଲଙ୍କ ସ୍ୱାଗତ ପାଇଁ ରହିବେ କଂଗ୍ରେସ କର୍ମୀ। ମଧ୍ୟାହ୍ନ ୧୨ଟାରେ ସଭାରେ ଯୋଗ ଦେବେ। ସଭା ସରିବା ପରେ ଚାଷୀଙ୍କ ଦୁଇଟି ପ୍ରତିନିଧି ଦଳକୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ଣ ୩ଟାରେ କଂଗ୍ରେସ ଭବନରେ ବସିବ ବଡ଼ ବୈଠକ। ପ୍ରଥମେ ପଲିଟିକାଲ ଆଫାୟର୍ସ କମିଟି ସହ ବୈଠକ କରିବେ ରାହୁଲ ଓ ଏଆଇସିସି ସଭାପତି। ଏହା ପରେ ବିଧାୟକ ଓ ପିସିସି କାର୍ଯ୍ୟକର୍ତ୍ତାଙ୍କ ସହ ହେବ ଆଲୋଚନା। ସନ୍ଧ୍ୟା ୫ଟାରେ ସେମାନେ ଦିଲ୍ଲୀ ଫେରିଯିବେ।

# ଘରୋଇ ପୁଞ୍ଜି ନିବେଶରେ ଦେଶରେ ୧ ନଂ ଓଡ଼ିଶା

**ଭୁବନେଶ୍ୱର,୯।୭:ନ୍ୟୁଜ ବ୍ୟୁରୋ**



ଘରୋଇ ପୁଞ୍ଜି ନିବେଶରେ ଦେଶରେ ଏକ ନମ୍ବର ଓଡ଼ିଶା। ଶିଳ୍ପ କ୍ଷେତ୍ରରେ ଓଡ଼ିଶା ପାଇଛି ସଫଳତା। ଏଭଳି କହିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସିଏମ୍‌ଆଇଇ ରିପୋର୍ଟ ଅନୁସାରେ ଏପ୍ରିଲରୁ ଜୁନ୍ ମଧ୍ୟରେ ୧ ଲକ୍ଷ ୪୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିଛି ଓଡ଼ିଶା। ଏହି ସମୟରେ ଅନ୍ୟ ସମସ୍ତ ରାଜ୍ୟରେ ୨ ଲକ୍ଷ ୧୦ ହଜାର କୋଟି ଟଙ୍କାର ନିବେଶ ହୋଇଥିବା ବେଳେ ଓଡ଼ିଶାରେ ୧ ଲକ୍ଷ ୪୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। କେମିକାଲ, ପେଟ୍ରୋ କେମିକାଲ, ଟେକ୍ସଟାଇଲ, ଗ୍ରୀନ୍ ଏନର୍ଜି ଭଳି କ୍ଷେତ୍ରରେ ପୁଞ୍ଜି ନିବେଶ ଆସିଛି। ଶିଳ୍ପ ମନ୍ତ୍ରୀ କହିଛନ୍ତି ସରକାରଙ୍କ ପ୍ରତି ନିବେଶକଙ୍କ ଭରସା ବଢ଼ିଛି। ବର୍ଷକ ମଧ୍ୟରେ ୧ ଲକ୍ଷ ୭୮ ହଜାର କୋଟି ନିବେଶ ହୋଇଥିବା ବେଳେ ୩ ମାସରେ ୧ ଲକ୍ଷ ୪୦ ହଜାର କୋଟି ଟଙ୍କାର ନିବେଶ ହୋଇଛି। ଖୋର୍ଦ୍ଧା, ଗୋପାଳପୁର ଓ ଯାଜପୁରରେ ଅନେକ ଶିଳ୍ପର ଗ୍ରାଉଣ୍ଡ ବ୍ରେକିଂ ହୋଇଛି। ଆଗାମୀ ଦିନରେ ଉତ୍କର୍ଷ ଓଡ଼ିଶାରେ ଆସିଥିବା ନିବେଶ ପ୍ରସ୍ତାବକୁ ସରକାର ଗ୍ରାଉଣ୍ଡିଙ୍ଗ ପାଇଁ ଯୋଜନା କରୁଛନ୍ତି ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

# ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡଗ୍ରାହୀଙ୍କ ବିରୋଧରେ ଏତଲା ଦରଜ

**ପୁରୀ, ୯/୭ ନ୍ୟୁଜ ବ୍ୟୁରୋ**

ପବିତ୍ର ବାହୁଡା ଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶ୍ରୀଜୀଉଙ୍କ ତିନିରଥ ସମ୍ମୁଖ ନିଷିଦ୍ଧ ଅଞ୍ଚଳରେ ଓଡ଼ିଶୀ ନୃତ୍ୟ ପରିବେଷଣ ପାଇଁ କଳାକାରମାନଙ୍କୁ ଅନୁମତି ଦେବା ନିମନ୍ତେ ଜୋର ଜବରଦସ୍ତ କରିବା ଏବଂ ଏଥିପାଇଁ ବରିଷ୍ଠ ମହିଳା ପୋଲିସ ଅଧିକାରୀଙ୍କୁ ଧମକାଇବା ଅଭିଯୋଗରେ କୁମ୍ଭାରପଡା ଥାନାରେ ଏତଲା ଦରଜ କରାଯାଇଛି।

ପୁରୀ ସହରର ଜଣେ ବରିଷ୍ଠ ନାଗରିକ ତଥା ଜଗନ୍ନାଥ ଭକ୍ତ ଜୟନ୍ତ କୁମାର ଦାସ କୁମ୍ଭାରପଡା ଥାନାରେ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଏହି ଏତଲା ଦରଜ କରିଛନ୍ତି। ଶ୍ରୀ ଦାସ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ରଥସମ୍ମୁଖ ନିଷିଦ୍ଧ ଅଞ୍ଚଳରେ ଓଡ଼ିଶୀ ନୃତ୍ୟ ପରିବେଷଣ ପାଇଁ ଅନୁମତି ଦେବା ସକାଶେ ସେତେବେଳେ ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମୀନାକ୍ଷୀ ଠାକୁରଙ୍କ ଉପରେ ମୁଖ୍ୟ ବାଡ଼ଗ୍ରାହୀ ଚାପ ପକାଇବା ସହ ତାଙ୍କୁ ଧମକ ଦେଇଥିଲେ। ଏହି ଘଟଣାର ଦୃଶ୍ୟ ଚିତ୍ର ଭିଡିଓ ଭାଇରାଲ ହେବା ସହ ସୋସିଆଲ ମିଡିଆରେ ବ୍ୟାପକ ଭାବେ ପ୍ରଚାରିତ ହୋଇଥିଲା। ମୋ ନିଜ ସମେତ ସମବେତ ଭକ୍ତମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିଷିଦ୍ଧ ଅଞ୍ଚଳରେ ନୃତ୍ୟ ପରିବେଷଣ ନ କରିବାକୁ ବାରଣ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦିନକ ପୂର୍ବରୁ ଗୁଣ୍ଡିଚା ମନ୍ଦିର ସମ୍ମୁଖସ୍ଥ ଶ୍ରୀଜୀଉଙ୍କ ରଥ ନିକଟରେ ଭକ୍ତମାନଙ୍କ ଅତ୍ୟଧିକ ସମାଗମ ଯୋଗୁଁ ଦଳାଚକଟା ଘଟଣା ୩ଜଣ ଭକ୍ତଙ୍କ ମୃତ୍ୟୁ ଘଟିବା ସହ ଅନେକ ଭକ୍ତ ଆହତ ମଧ୍ୟ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଭକ୍ତମାନଙ୍କ ସୁରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ନିରାପତ୍ତା ପଦକ୍ଷେପ ଗ୍ରହଣ କରାଯାଇଥିଲା।

# କୃଷି ପାଇଁ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ପୁରସ୍କାର

**ଭୁବନେଶ୍ୱର, ୯।୭ ନ୍ୟୁଜ ବ୍ୟୁରୋ**

ଓଡ଼ିଶାକୁ କୃଷି ପାଇଁ ଶ୍ରେଷ୍ଠ ରାଜ୍ୟ ଭାବରେ ମାନ୍ୟତା ଦେଇ ଏଗ୍ରିକଲଚର ଟୁଡେ ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ଏଗ୍ରିକଲଚର ଲିଡ଼ରସିପ ପୁରସ୍କାର ପ୍ରଦାନ କରାଯାଇଛି। କୃଷି କ୍ଷେତ୍ରରେ ଭାରତର ଅଗ୍ରଣୀ ଗଣମାଧ୍ୟମ ଏଗ୍ରିକଲଚର ଟୁଡେ ଗ୍ରୁପ୍ ଦ୍ୱାରା ଆୟୋଜିତ ୧୬ତମ ଏଗ୍ରିକଲଚର ଲିଡ଼ରସିପ କନକ୍ଲେଭରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗ୍ରହଣ କରିଛନ୍ତି।




ନୂଆଦିଲ୍ଲୀରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ, ଭାରତର ପୂର୍ବତନ ମୁଖ୍ୟ ବିଚାରପତି ତଥା ପୁରସ୍କାର କମିଟିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ପି. ସଦାଶିବମ୍ ଏବଂ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଛି।

'ଏହି ପୁରସ୍କାର ଓଡ଼ିଶାର ଚାଷୀଙ୍କ ନବସୃଜନ ଓ କଠିନ ପରିଶ୍ରମର ନିଦର୍ଶନ। ଓଡ଼ିଶାର ଅନ୍ନଦାତାଙ୍କୁ ଏହି ପୁରସ୍କାର ମୁଁ ଉତ୍ସର୍ଗୀକୃତ କରୁଛି। ଏହି ସମ୍ମାନ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଏଗ୍ରିକଲଚର ଟୁଡେ ଗ୍ରୁପ୍ ପ୍ରତି ଆନ୍ତରିକ କୃତଜ୍ଞତା ପ୍ରକାଶ କରୁଛି ଏବଂ ଭାରତ ବର୍ଷରେ ସ୍ଥାୟୀ କୃଷି ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଏକ ମଡେଲ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୂଚିତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମତପ୍ରକାଶ କରି କହିଛନ୍ତି।'

ଏହି ଜାତୀୟ ମାନ୍ୟତା କୃଷି ଅଭିବୃଦ୍ଧି, ନବସୃଜନ ଓ ଅନ୍ତର୍ଭୁକ୍ତିମୂଳକ ବିକାଶରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତାକୁ ପ୍ରତିଫଳିତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକ ଓଡ଼ିଶାର ମୋଟ ରାଜ୍ୟ ମୂଲ୍ୟ ସଂଯୋଜିତରେ ପ୍ରାୟ ୧୯% ଅବଦାନ ରଖିଥିଲେ, ଯାହା ଗତ ପାଞ୍ଚ ବର୍ଷର ଜାତୀୟ ହାରକୁ ଅତିକ୍ରମ କରି ୩.୩% ବୃଦ୍ଧି ପାଇଛି। କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରଗୁଡ଼ିକ ମିଳିତ ଭାବରେ ମୋଟ ଶ୍ରମଶକ୍ତିର ୪୯.୦ ପ୍ରତିଶତ ନିଯୁକ୍ତି ପ୍ରଦାନ କରି ରାଜ୍ୟର ଏକମାତ୍ର ବୃହତ୍ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର ଭାବେ ବିବେଚିତ ହୁଏ।

ଓଡ଼ିଶାର କୃଷି ପ୍ରଗତି ରାଜ୍ୟ ସରକାରଙ୍କ ଭବିଷ୍ୟତବାଦୀ ଅର୍ଥନୈତିକ ନୀତି, ନିରନ୍ତର ନୀତିଗତ ସମର୍ଥନ ଏବଂ ଗ୍ରାମୀଣ ଭିତ୍ତିଭୂମିରେ ପ୍ରମୁଖ ନିବେଶର ପରିଣାମ। ଫସଲ ବିବିଧତାକୁ ପ୍ରୋତ୍ସାହନ ଏବଂ ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ ପରିବେଶ ଅନୁକୂଳ ଅଭ୍ୟାସଗୁଡ଼ିକୁ ଗ୍ରହଣ ଆଜି ଓଡ଼ିଶାକୁ ଶୀର୍ଷରେ ପହଞ୍ଚାଇଛି। ୨୦୨୩-୨୪ରେ ରାଜ୍ୟର ଚାଉଳ ଉତ୍ପାଦନ ଥିଲା ୧୧୫.୩୯ ଲକ୍ଷ ମେଟ୍ରିକ ଟନ୍, ଯାହା ୧୭୪.୮୩ ଲକ୍ଷ ମେଟ୍ରିକ ଟନ୍ ଧାନ ସହିତ ସମାନ। ଭାରତୀୟ ଖାଦ୍ୟ ନିଗମକୁ ଚାଉଳ ଯୋଗାଣରେ ଓଡ଼ିଶା ଦେଶରେ ଚତୁର୍ଥ ସର୍ବବୃହତ ଚାଉଳ ଯୋଗାଣକାରୀ ରାଜ୍ୟ ଅଟେ।

ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ପି. ସଦାଶିବମ୍, ହରିୟାଣା ମୁଖ୍ୟମନ୍ତ୍ରୀ ନାୟାବ ସିଂହ ସାଇନି ଯୋଗ ଦେଇ ଥିଲେ। ନେଦରଲ୍ୟାଣ୍ଡ, ଆର୍ଜେଣ୍ଟିନା, ବ୍ରାଜିଲର ରାଷ୍ଟ୍ରଦୂତ, କାନାଡାର ଉଚ୍ଚାୟୁକ୍ତ, କର୍ପୋରେଟ୍ କ୍ଷେତ୍ର, ସ୍ୱାସ୍ଥ୍ୟ, ଶିଳ୍ପ, ଶିକ୍ଷା, ଗବେଷଣା, ବ୍ୟାଙ୍କିଂ, କୀଟନାଶକ ଉତ୍ପାଦନ, କୃଷି ଯନ୍ତ୍ରପାତି ଉତ୍ପାଦକ, ଆର୍ଥିକ ପ୍ରତିଷ୍ଠାନ ଭଳି ଅନେକ କ୍ଷେତ୍ରରୁ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି।

## ୨୫୪ ଗ୍ରାମ୍ ବ୍ରାଉନସୁଗାର ଜବତ : ୫ ଅଭିଯୁକ୍ତ ଗିରଫ



**ଭୁବନେଶ୍ୱର, ୯/୭ ନ୍ୟୁଜ ବ୍ୟୁରୋ**

କମିଶନରେଟ୍ ପୁଲିସ ଅଧୀନ ମୈତ୍ରୀ ବିହାର ଥାନା ଅଞ୍ଚଳରେ ଧଳା ଜହର କାରବାର ଚାଲିଛି। ପୁଲିସ ଅତର୍କିତ ଚଢ଼ଉ କରି ୨୫୪ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏହି ବେଆଇନ୍ କାରବାର ସହିତ ଜଡ଼ିତ ୫ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଏଥି ସହିତ ୩ଟି ବାଇକ୍ ଓ ୩ ହଜାର ଟଙ୍କା ଜବତ କରିଛି। ୫ ଅଭିଯୁକ୍ତଙ୍କ ଭିତରୁ ଜଣେ ହେଉଛି ରାଜେନ୍ଦ୍ର ମହାପାତ୍ର, ଯାହାଙ୍କ ନାଁରେ ୨ଟି ମାମଲା ରହିଛି। ଶିବାନନ୍ଦ ନାଁରେ ମଧ୍ୟ ଜଟଣୀ ଥାନା ଅଧୀନରେ ରହିଛି ଅପରାଧିକ ମାମଲା। ଅନ୍ୟପଟରେ କମିଶନରେଟ ପୁଲିସ ଧଳାଜହର କାରବାର ସହିତ ସଂଶ୍ଳିଷ୍ଟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ଭୁବନେଶ୍ୱରର ପ୍ରତ୍ୟେକ ଛକ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ଖଞ୍ଜା ଯାଇଛି। ପୂରା ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୁଲିସ ମୁତୟନ କରାଯାଇଛି ରାତି ୧୦ଟା ପରେ ସକାଳ ୬ଟା ପର୍ଯ୍ୟନ୍ତ ରାତ୍ରୀକାଳୀନ ପାଟ୍ରୋଲିଂ ମଧ୍ୟ କରାଯାଉଛି। ଏସବୁ ସତ୍ତ୍ୱେ ରାଜଧାନୀରେ ଅପରାଧୀଙ୍କ ଉତ୍ପାତ ହ୍ରାସ ପାଉନାହିଁ। ଅନ୍ୟ ଏକ ଅପରାଧିକ ମାମଲା ନେଇ କମିଶନରେଟ୍ ପୁଲିସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, ଭୁବନେଶ୍ୱର ଲିଙ୍ଗରାଜ ଥାନା ଅଧୀନରେ ତାମିଲନାଡୁ ଗ୍ୟାଙ୍ଗର ତାଣ୍ଡବ ଚାଲିଛି। ଏହି ଗ୍ୟାଙ୍ଗର ସଦସ୍ୟମାନେ କିଶୋର କୁମାର ଝାଙ୍କ ୪୪ ହଜାର ଟଙ୍କା, ବ୍ୟାଙ୍କ ପାସ୍‌ବୁକ୍ ଓ ଅନ୍ୟାନ୍ୟ ଜିନିଷ ଲୁଟ୍ କରିଥିଲେ। ଗାଡ଼ିର କାଚ ଭାଙ୍ଗି ଲୁଟ୍ କରୁଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ତାମିଲନାଡୁ ଗ୍ୟାଙ୍ଗର ୪ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ସାମ୍ନାକୁ ଆସିଲା ଲୁଟ୍ ପଛର ସତ। ଆଇରନ ବଲ୍ ଓ ଛିଟିକିଣି ସାହାଯ୍ୟରେ ଗାଡିର କାଚ ଭାଙ୍ଗି ଲୁଟୁଥିଲେ ଏହି ଗ୍ୟାଙ୍ଗ। ପ୍ରଥମଥର ପାଇଁ ଏହି ଗ୍ୟାଙ୍ଗକୁ ଭୁବନେଶ୍ୱରରୁ ଠାବ କରାଯାଇଛି। ସେମାନଙ୍କ ନିକଟରୁ ୧୯ ହଜାର ଟଙ୍କା ଜବତ ହୋଇଛି।

## ପ୍ରଥମ ଥର ପାଇଁ ଖୋଲିଲା ହଳଦିଆ ବନ୍ଧର ଗେଟ୍

**କୁଳିଅଣା, ୯/୭ ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକରେ ହଳଦିଆ ବନ୍ଧ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ନିର୍ମାଣ କାର୍ଯ୍ୟର ଦୁଇବର୍ଷ ପରେ ପ୍ରଥମ ଥର ପାଇଁ ନୂତନ ଜ୍ଞାନ କୌଶଳରେ ନିର୍ମିତ ସ୍ପିଲ୍ ୱେ ବାଟ ଦେଇ ଜଳ ନିଷ୍କାସନ କରିଛି ପ୍ରଶାସନ। ଲଘୁଚାପ ଜନିତ ଲଗାଣ ବର୍ଷାରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ବନ୍ଧର ଜଳଧାରଣ କ୍ଷମତାକୁ ଦୃଷ୍ଟିରେ ରଖି ଗୋଟିଏ ଫାଟକ ଦେଇ ୨.୫ କ୍ୟୁସେକ ଜଳ ଛଡାଯାଇଛି। ଫାଟକ ଖୋଲାଯିବା ସମୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ସମେତ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଜଳ ସ୍ତରକୁ ଅନୁଧ୍ୟାନ କରି ଆଉ ଗୋଟିଏ ଫାଟକ ଖୋଲାଯାଇପାରେ ବୋଲି ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

# ୩୬ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ ଯୋଗାଣ ମନ୍ତ୍ରୀ

**ଢେଙ୍କାନାଳ, ୯।୭ ନ୍ୟୁଜ ବ୍ୟୁରୋ**

ଢେଙ୍କାନାଳ ସହର ମହିଷାପାଟସ୍ଥିତ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟଠାରେ ନିଯୁକ୍ତି ପର୍ବ ଅନୁଷ୍ଠିତ ହୋଇଛି। ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଢେଙ୍କାନାଳସ୍ଥିତ ଅଟୋମୋବାଇଲ ଡକ୍ଟର ଇଣ୍ଡିଆ, କ୍ୱିଭାନ୍ ସ୍କିଲ୍ ଏମ୍ପାୱାରମେଣ୍ଟ ପ୍ରା.ଲି଼. ଏବଂ ପ୍ରୋଡାଟାରେ ଟ୍ରେନିଂ ପ୍ରାପ୍ତ ୩୬ ଜଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏମାନେ କର୍ମଠ ହୋଇ ସାଧୁତାର ସହ କାର୍ଯ୍ୟକରି ଢେଙ୍କାନାଳର ଗର୍ବ ଓ ଗୌରବ ବୃଦ୍ଧିରେ ସହାୟକ ହୁଅନ୍ତୁ ସେ କହିଥିଲେ। ପ୍ରାରମ୍ଭରେ ଜିଲ୍ଲା ନିଯୋଜନ ଅଧିକାରୀ ତତ୍ତ୍ୱମସୀ




ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ କିପରି ଟ୍ରେନିଂ ପ୍ରଦାନକରି ଶତ ପ୍ରତିଶତ ନିଯୁକ୍ତିର ସୁବିଧା ସୁଯୋଗ ସୃଷ୍ଟି ହେଉଛି ସେ ସଂପର୍କରେ ସୂଚନା ଦେଇଥିଲେ। ଏହି ନିଯୁକ୍ତି ପର୍ବରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ ଏବଂ କୋ-ଅପରେଟିଭ ସୋସାଇଟିର ଡେପୁଟୀ ରେଜିଷ୍ଟ୍ରର ଉମାଶଙ୍କର ଦାସ ଯୋଗ ଦେଇଥିଲେ।

# ବଲାଙ୍ଗୀରରେ କମୁନି ଦାଦନ ଦୁଃଖ : ୬ ମାସରେ ଗଲାଣି ୩ ଜୀବନ

**ସଇଁତଲା, ୯/୭ ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାରେ ଦିନକୁ ଦିନ ଦାଦନ ଶ୍ରମିକ ସମସ୍ୟା ବଢ଼ି ଚାଲିଛି। ଲୋକଙ୍କୁ ସ୍ଥାନୀୟ ନିଯୁକ୍ତି ଦେବାରେ ବିଫଳ ହୋଇଛି ଜିଲ୍ଲା ପ୍ରଶାସନ। ଗତ ଛଅ ମାସ ଭିତରେ ୩ରୁ ଅଧିକ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଥିବା ବେଳେ ବୁଧବାର ଆଉ ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଛି।

ସୂଚନା ମୁତାବକ, ସଇଁତଲା ବ୍ଲକ ବିବିନା ପଞ୍ଚାୟତ ଛୋକରବାଞ୍ଜି ଗାଁର ଗିରିଧାରୀ ପଧାନ (୩୧ବର୍ଷ) ଗୁଜୁରାଟରେ ଠିକା ଶ୍ରମିକ ଭାବେ କାମ କରୁଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ୪ ବର୍ଷର ଗୋଟିଏ ଶିଶୁ କନ୍ୟା ଥିବାବେଳେ ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ସେହିପରି ସଇଁତଲା ବ୍ଲକ ଧରବଗଡ଼ ପଞ୍ଚାୟତ ପେଣ୍ଡରାମାଲ ଗାଁର ପରକ୍ଷୀତ ମାଝୀଙ୍କ ୨୦ ବର୍ଷୀୟ ପୁଅ ଜଗନି ମାଝୀ ଗତ ୨ ମାସ ତଳେ ଗୁଜରାଟର



ଭୁଜ ଅଞ୍ଚଳକୁ ଠିକା ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ତେବେ ୪ ଦିନ ତଳେ ସେଠାରେ କୌଣସି କାରଣରୁ ତାଙ୍କ ମୃତ୍ୟୁ ହୋଇଥିଲା। ପଇସା ପତ୍ର ଅସୁବିଧା ଯୋଗୁଁ ମୃତ୍ୟୁର ୪ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କ ଶବ ଗାଁକୁ ଫେରି ନଥିଲା। ତେବେ ବହୁ କଷ୍ଟ କରି ପଇସା ପତ୍ର ସଂଗ୍ରହ କରି ପରିବାର ଲୋକେ ପଠାଇବା ପରେ ମୃତଦେହ ଗାଁକୁ ଫେରିଥିଲା। ଜଗନ ପରିବାରର ରୋଜଗାରିଆ ପୁଅ ହୋଇଥିବାରୁ ଏବେ ପରିବାରର ମେରୁଦଣ୍ଡ ଭାଙ୍ଗି ପଡ଼ିଛି।

ସେହିପରି ଆମ୍ବପାଲି ପଞ୍ଚାୟତ ଆମ୍ବପାଲି ଗାଁର କିଶୋର ମାଝୀ (୪୦ବର୍ଷ) ୪ ମାସ ତଳେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିବା ବେଳେ ସେଠାରେ କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଦିନକୁ ଦିନ ଦାଦନ ଶ୍ରମିକ ବେଆଇନ ଭାବେ ଚାଲାଣ ହେଉଥିବା ବେଳେ ଏହାକୁ ରୋକିବା ପାଇଁ ଫେଲ୍ ମାରିଛି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ। ଅନ୍ୟପଟେ ସରକାର ଦାଦନ ରୋକିବା ପାଇଁ ଟାସ୍କ ଫୋର୍ସ ଗଠନ କରିଥିବା ବେଳେ ସରକାରର ଟାସ୍କ ଫୋର୍ସକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଓ ମନରେଗା ଯୋଜନାର ସଠିକ ଉପଯୋଗ କରିବା ପାଇଁ ସଧାରଣରେ ଦାବି ହେଉଛି।

# ୱାଟର ଲଗିଙ୍ଗ୍ ଯେପରି ନହେବ ସେନେଇ ପଦକ୍ଷେପ ଗ୍ରହଣ କରାଯାଉଛି : ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର, ୯/୭ ନ୍ୟୁଜ ବ୍ୟୁରୋ**

ୱାଟର ଲଗିଙ୍ଗ୍ ପ୍ରସଙ୍ଗରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରତିକ୍ରିୟା ଆସିଛି। ଯେଉଁ ଯେଉଁ ଜାଗାରେ ୱାଟର ଲଗିଙ୍ଗ ହେଉଛି ସେସବୁ ଜାଗାରେ ଏଭଳି ସ୍ଥିତି ଯେପରି ନହେବ ସେଥିପାଇଁ ପ୍ରୟାସ ଜାରି ରହିଛି। ବର୍ଷା ପୂର୍ବରୁ ସ୍ୱତନ୍ତ୍ର ଟିମ୍ ଯୋଗେ ୱାଟର ଲଗିଙ୍ଗ୍ ପଏଣ୍ଟ ସବୁକୁ ମନିଟରିଙ୍ଗ କରାଯାଇଥିଲା। ସେସବୁ ପଏଣ୍ଟରେ ଜଳ ନିଷ୍କାସନ ପାଇଁ ଗୁରୁତ୍ୱ ଦିଆଯାଉଛି। ଆଉ ୱାଟର ଲଗିଙ୍ଗ୍ କେମିତି ନ ହେବ ସେଥିପାଇଁ ଚେଷ୍ଟା କରାଯାଉଛି। ରାଜଧାନୀ ଭୁବନେଶ୍ୱରରେ ୱାଟର ଲଗିଙ୍ଗ୍ କମ୍ କରାଯିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ମୁଖ୍ୟମନ୍ତ୍ରୀ ଏହା ଉପରେ ଅନୁଧ୍ୟାନ କରୁଛନ୍ତି, ଏହାକୁ ନେଇ ଯୋଜନା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ରାସ୍ତା ଖୋଳାଯିବା ଦ୍ୱାରା ୱାଟର ଲଗିଙ୍ଗ୍ ସମସ୍ୟା ହେଉଥିବା ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି, ଯଦି କେଉଁଠି ଅଯଥା ଖୋଳା ଯାଉଥିବ ତେବେ ଅଭିଯୋଗ ଆସିଲେ ସେନେଇ କଡ଼ା ପଦକ୍ଷେପ ଗ୍ରହଣ କରାଯିବ। ଯେଉଁଠି ଆବଶ୍ୟକତା ଥିବ ସେଠାରେ ଖୋଳାଯିବା ଜରୁରୀ ବୋଲି ମନ୍ତ୍ରୀ କହିଛନ୍ତି। ଖୁବ୍‌ଶୀଘ୍ର ପୁରୀ ମହାନଗର ନିଗମ ପାଇଁ ପ୍ରକାଶ ପାଇବ ବିଜ୍ଞପ୍ତି। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ଚାଲିଛି। ଗ୍ରାମାଞ୍ଚଳର କେତେ ପଞ୍ଚାୟତ ମହାନଗର ନିଗମରେ ସାମିଲ ହେବ ସେନେଇ ତର୍ଜମା ଚାଲିଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।



# ଭିଜିଲାନ୍ସ ଜାଲରେ ଯୋଗାଣ ଅଧିକାରୀ

**ଛତ୍ରପୁର, ୯/୭ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଗଞ୍ଜାମ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା। ଛତ୍ରପୁର ନିକଟ ଜାତୀୟ ରାଜପଥରେ ତାଙ୍କ ଗାଡ଼ିରୁ ୩ ଲକ୍ଷ ଟଙ୍କା ଜବତ କରିଛି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ। ସେ ଛତ୍ରପୁର ବ୍ୟାଙ୍କ କଲୋନୀ ଭଡା ଘରୁ ଅଫିସ ଯାଉଥିବା ସମୟରେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା। ୩ ଦିନ ଧରି ଭିଜିଲାନ୍ସ ଟିମ୍ ତାଙ୍କୁ ନଜରରେ ରଖିଥିବା ସୂଚନା ମିଳିଛି। ତାଙ୍କ ଗାଡ଼ିରୁ ୫୦୦ ଟଙ୍କିଆ ୩ ଲକ୍ଷ



ଟଙ୍କା ଜବତ କରାଯାଇଛି। ବର୍ତ୍ତମାନ ଆଶୀର୍ବାଦ ଆପାର୍ଟମେଣ୍ଟରେ ଥିବା ତାଙ୍କ ଭଡା ଘରେ ପହଞ୍ଚି ଭିଜିଲାନ୍ସ ଚଢ଼ଉ ଜାରି ରଖିଛି। ସେ ନୂଆପଡା ଜିଲ୍ଲାକୁ ଯୋଗାଣ ଅଧିକାରୀ ଭାବେ ବଦଳି ହୋଇଥିଲେ।